୨୬ ବର୍ଷରେ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK पर्यवेक्षक

Vol.26 . No.20 Bhubaneswar Saturday February 24 2024 | ୨୬ତମ ବର୍ଷ ସଂଖ୍ୟା-୨୦ ଭୁବନେଶ୍ୱର, ଶନିବାର, ଫେବୃଆରୀ ୨୪, ୨୦୨୪ | (୮ ପୃଷ୍ଠା) | ମୂଲ୍ୟ-୧.୫୦ ₹1.50 | (Air Surcharge - 0.50P) | Member-INS


## ବଢ଼ିଲା କର୍ପୋରେଟରଙ୍କ ମିଟିଂ ଭତ୍ତା: ମିଟିଂ ପିଛା ୧୦ ହଜାର ଟଙ୍କା ପାଇବେ ଅଧିକାରୀ

ଭୁବନେଶ୍ୱର,୨୩।୨(ପି.ଏନ): ବର୍ତ୍ତମାନ ପ୍ରତ୍ୟେକ ବିଭାଗର ସଶକ୍ତିକରଣ ପାଇଁ ଯୋଜନା କରୁଛନ୍ତି ରାଜ୍ୟ ସରକାର । ସମସ୍ତ ବିଭାଗର କର୍ମଚାରୀମାନଙ୍କୁ ଆର୍ଥିକ କ୍ଷେତ୍ରରେ ସ୍ୱାବଲମ୍ବୀ କରିବା ଦିଗରେ ଗୁରୁତ୍ୱ ଦିଆଯାଇଛି । ଏହାମଧ୍ୟରେ ବିଏମସି କର୍ପୋରେଟରଙ୍କ ମିଟିଂ ଭତ୍ତାରେ ମଧ୍ୟ ବୃଦ୍ଧି ହୋଇଛି । କପୋରେଟରଙ୍କ ମିଟିଂ ଭତ୍ତା ଏବେ ୭୦୦ ଟଙ୍କାରୁ ୧୦ ହଜାର ଟଙ୍କାକୁ ବୃଦ୍ଧି କରାଯାଇଛି । ଏଣିକି ମିଟିଂ ପିଛା ୧୦,୦୦୦ ଟଙ୍କା ଲେଖାଏଁ ପାଇବେ କର୍ପୋରେଟର । ସେହିପରି ମେୟରଙ୍କୁ ୫୦ ହଜାର ଏବଂ ଡେପୁଟୀ ମେୟରଙ୍କୁ ୨୫ ହଜାର ଟଙ୍କା ଲେଖାଏଁ ଭତ୍ତା ଦିଆଯିବ । ଏ ନେଇ ବିଏମସି କମିଶନର ବିଜୟ ଅମୃତ କୁଲାଙ୍ଗେ ସୂଚନା ଦେଇଛନ୍ତି ।



## ରୁଷ ସହ ମିଶି ୟୁକ୍ରେନ ବିରୋଧରେ ଲଢୁଛନ୍ତି ଭାରତୀୟ, ଦୂରେଇ ରହିବାକୁ କହିଲେ ଭାରତ ସରକାର

ନୂଆଦିଲ୍ଲୀ,୨୩।୨(ପି.ଏନ): ୟୁକ୍ରେନ ସହ ରୁଷ କରୁଥିବା ଯୁଦ୍ଧରେ ବଳପୂର୍ବକ ଭାରତୀୟଙ୍କୁ ବ୍ୟବହାର କରାଯାଉଥିବା ରିପୋର୍ଟ ପ୍ରକାଶ ପାଇଛି । ଏହି ରିପୋର୍ଟ ପରେ ଭାରତୀୟଙ୍କ ପାଇଁ ପରାମର୍ଶ ଜାରି କରିଛନ୍ତି ସରକାର । ଭାରତୀୟମାନେ ଅଧିକ ସତର୍କତା ଅବଲମ୍ବନ କରନ୍ତୁ ଓ ରୁଷ-ୟୁକ୍ରେନ ବିବାଦ ଠାରୁ ନିଜକୁ ଦୂରେଇ ରଖନ୍ତୁ ବୋଲି ଭାରତ ସରକାର ପରାମର୍ଶ ଦେଇଛନ୍ତି । ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୈସୱାଲ କହିଛନ୍ତି, "କିଛି ଭାରତୀୟ ରୁଷ ଆର୍ମିରେ ଚାକିରି ପାଇଁ ଚୁକ୍ତି କରିଛନ୍ତି । ଏ ସମ୍ପର୍କରେ ଭାରତୀୟ ଦୂତାବାସ ନିୟମିତ ଭାବେ ରୁଷର ଉପଯୁକ୍ତ ଅଧିକାରୀଙ୍କ ସହ ଯୋଗାଯୋଗ



କରିଛନ୍ତି । ସେମାନଙ୍କୁ ସେଠାରୁ ଯଥାଶୀଘ୍ର ରିଲିଜ କରିବା ପାଇଁ କଥାବାର୍ତ୍ତା ଚାଲିଛି । ଆମେ ସମସ୍ତ ଭାରତୀୟ ନାଗରିକଙ୍କୁ କହିବାକୁ ଚାହୁଁଛୁ ଯେ ସେମାନେ ଅଧିକ ସତର୍କ ରୁହନ୍ତୁ । ଏଥିସହ ବିବାଦ ମଧ୍ୟରୁ ନିଜକୁ ଦୂରେଇ ରଖନ୍ତୁ ।"

## ରାଜଧାନୀ ଭୁବନେଶ୍ୱରର କାନ୍ଥବାଡ଼ରୁ ହଟିବ ରାଜନୈତିକ ପୋଷ୍ଟର

ଭୁବନେଶ୍ୱର,୨୩।୨(ପି.ଏନ): ରାଜଧାନୀ ଭୁବନେଶ୍ୱରରୁ ହଟିବ ରାଜନୈତିକ ପୋଷ୍ଟର। ଏହା ସହ କାନ୍ଥ ଲେଖା ବି ଲିଭାଯିବ। ଏନେଇ ପ୍ରସ୍ତୁତି କରିଛି ଭୁବନେଶ୍ୱର ମହାନଗର ନିଗମ (ବିଏମସି)। ତେବେ ନିର୍ବାଚନ ଆୟୋଗଙ୍କ ଗାଇଡ୍ ଲାଇନ୍ ଆଧାରରେ ଏହି କାମ କରାଯିବ ବୋଲି ବିଏମସି କମିଶନର ବିଜୟ ଅମୃତ କୁଲାଙ୍ଗେ ସୂଚନା ଦେଇଛନ୍ତି । ତେବେ ସମସ୍ତ ରାଜନୈତିକ ଦଳ ଗୁଡିକ ଏନେଇ ଅବଗତ ଅଛନ୍ତି । ଏବଂ ଏହି କାମରେ ବିଏମସିକୁ ସହଯୋଗ କରୁଥିବା କମିସନର କୁଲାଙ୍ଗେ ସୂଚନା ଦେଇଛନ୍ତି ।ସୂଚନା ଥାଉକି, ନିର୍ବାଚନ ଆୟୋଗଙ୍କ ଚିଠି ଆଧାରରେ ଏହି ପୋଷ୍ଟର ହଟା କାମ କରାଯିବ। ତେଣୁ ଖୁବଶୀଘ୍ର ଭୁବନେଶ୍ୱରର ବିଭିନ୍ନ କାନ୍ଥ ଓ ପାଚେରୀରେ ଲେଖାଯାଇଥିବା ରାଜନୈତିକ ଲେଖା, ପୋଷ୍ଟର ଓ ବ୍ୟାନର ହଟାଯିବ। ଏହାସହ କାନ୍ଥ, ଗଛ ଓ ଖୁଣ୍ଟରେ ପୋଷ୍ଟର ଲଗାଇବା ଉପରେ କଟକଣା ଲଗାଯାଇଛି। ଏଠାରେ କହି ରଖୁ ଯେ, ପୂର୍ବରୁ ଏହି ପୋଷ୍ଟରକୁ ନେଇ ଭୁବନେଶ୍ୱରରେ ରାଜନୈତିକ ବିବାଦ ଉପୁଜିଥିଲା । ସାଂସଦ ଅପରାଜିତାଙ୍କ ଲେଖା ଲିଭାଇ ଅଡୁଆରେ ପଡିଥିଲା ବିଏମସି । ତେବେ ଏହି କାର୍ଯ୍ୟ ପାଇଁ ପ୍ରାୟ ୧୦ ଲକ୍ଷ ଟଙ୍କା ଜରିମାନା ଆଦାୟ କରି ସାରିଛି ବିଏମସି । ଏହା ସହ ୩୦ରୁ ଅଧିକ ଅନୁଷ୍ଠାନ ଓ ବ୍ୟକ୍ତିଙ୍କ ନାମରେ ଥାନାରେ ଏତଲା ଦିଆଯାଇଥିବା ଜଣାପଡିଛି।

## ମ୍ୟାଟ୍ରିକ ପରୀକ୍ଷାରେ ମାହାଲ ମାଣ୍ଡା ! ଏମିତି ଭୁଲ ପାଇଁ ପରୀକ୍ଷା ଦେଇ ପାରିଲେ ନାହିଁ ଛାତ୍ରୀ

ଯାଜପୁର,୨୩।୨(ପି.ଏନ): ୧୦ ପରୀକ୍ଷାରେ ବଡ ତ୍ରୁଟି । ମ୍ୟାଟ୍ରିକ ପରୀକ୍ଷାରେ ବି ମାହାଲ ମାଣ୍ଡା ଭଳି ବଡ ବିଭ୍ରାଟ । ଏମିତି ଭୁଲ ପାଇଁ ଜଣେ ଛାତ୍ରୀ ଆଜି ଦେଇ ପାରି ନାହାଁନ୍ତି ୧୦ମ ଶ୍ରେଣୀର ପରୀକ୍ଷା । ଭଲ ଛାତ୍ରୀ ହୋଇଥିଲେ ସୁଧା ମାହାଲ ମାଣ୍ଡାଭଳି ଭୁଲ ପାଇଁ ଆଜି ପରୀକ୍ଷାରୁ ବଞ୍ଚିତ ହୋଇଛନ୍ତି । ହଁ ଆଜ୍ଞା ଜାରି ରହିଛି ମ୍ୟାଟ୍ରିକ ପରୀକ୍ଷା । ହେଲେ ଏହି ତ୍ରୁଟିପୂର୍ଣ୍ଣ ପରୀକ୍ଷାରେ ନଜର ଆସିଛି ବିରାଟ ତ୍ରୁଟି । ତ୍ରୁଟିଟି ହେଉଛି, ଆଡମିଟ କାର୍ଡରେ ଫଟୋ ଭୁଲ ଥିବାରୁ ପରୀକ୍ଷା ଦେଇ ପାରି ନାହାଁନ୍ତି ଜଣେ ମେଧାବି ଛାତ୍ରୀ । ପରୀକ୍ଷା ନଦେଇ ପାରି ଏବେ ଚିନ୍ତାରେ ରହିଛନ୍ତି । ଏଭଳି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ବିଞ୍ଝାରପୁର ଶିକ୍ଷାଧିକାରୀଙ୍କ ଅଧିନରେ ଥିବା ବିଦ୍ୟାଳୟରେ । ଏ ହେଉଛନ୍ତି ୧୦ମ ପରୀକ୍ଷା ଦେଇ ପାରିନଥିବା ଛାତ୍ରୀ ପୂଜାପ୍ରିୟଦର୍ଶିନୀ ଜେନା । ଯିଏ ଏବେ ତାଙ୍କ ଭବିଶ୍ୟତ ନେଇ ପୁରା ଚିନ୍ତାରେ ରହିଛନ୍ତି । ଘଟଣା କିଛି ଏମିତି ହୋଇଥିଲା । ଆଡମିଟ କାର୍ଡରେ ପୂଜାପ୍ରିୟଦର୍ଶିନୀ ସ୍ଥାନରେ ଲେଖା ଥିଲା ଲକ୍ଷ୍ମୀପ୍ରିୟ ଜେନା । ବାପା ମାଙ୍କ ନାମ ମଧ ଭୁଲ ଥିଲା । ଯାହାକୁ ନେଇ ପୂଜା ପରୀକ୍ଷା ଦେବା ପାଇଁ ସେଣ୍ଟରେ ପହଞ୍ଚିଥିଲେ । ସେଠାରେ ଆଡମିଟ କାର୍ଟ ଦେଖାଇବା ପରେ ସନାତନ ସାମଲ ନାମକ ଜଣେ ସାର କହିଥିଲେ କି କିଛି ଅସୁବିଧା ହେବନି ଭିତରକୁ ଯାଇ ପରୀକ୍ଷା ଦିଅ । ହେଲେ ଯେତେବେଳେ ପରୀକ୍ଷା ହଲକୁ ଯାଇଥିଲେ ସେଠରେ ପୂଜାଙ୍କୁ ପରୀକ୍ଷା ହଲରୁ ବାହାର କରିଦିଆଯାଇଥିଲା ।ଠିକ ସମୟରେ ଫର୍ମ ଫିଲ କରିଥିଲେ ପୂଜା । ହେଲେ ଆଡମିଟ କାର୍ଡ ଆଗରୁ ନଦେଇ ସେହି ପରୀକ୍ଷା ଦିନ ଦେଇଥିଲେ । ଯାହା ଫଳରେ ଭୁଲ ଆଡମିଟ କାର୍ଡ ପାଇଁ ସବୁ ଗୋଳମାଳ ହୋଇଗଲା । ପରୀକ୍ଷା ଦେଇ ନପାରି ଏବେ ଘରେ ବସିଛନ୍ତି ପୂଜା । ସେପଟେ ଏଭଳି ଭୁଲ ପାଇଁ ସ୍କୁଲର ପ୍ରଧାନ ଶିକ୍ଷକ ଏବଂ କିରାଣିଙ୍କ ସମ୍ପୂର୍ଣ୍ଣ ଭୁଲ ବୋଲି ପୂଜାଙ୍କ ବାପା ଅଭିଯୋଗ କରିଥିବା ବେଳେ ବିଞ୍ଝାରପୁରା ବିଇଓ ପ୍ରଧାନ ଶିକ୍ଷକ ଏବଂ କିରାଣିଙ୍କୁ ତଦନ୍ତ ପାଇଁ ଡକାଇଛନ୍ତି ।

## ଗୋବରା ରେ ପଂଚାୟତ ବୈଠକ ଟେଣ୍ଟୁଲେଇରେ ଗାଁ କୁ ଚାଲ ଅଭିଯାନରେ ସାମିଲ ହେଲେ ବିଜେପି ରାଜ୍ୟ ଉପ ସଭାପତି ଗୋଲଖ ମହାପାତ୍ର

ତାଳଚେର,୨୩।୨(ପି.ଏନ): ବିଜେପି ରାଜ୍ୟ ଉପ ସଭାପତି ତଥା ଢେଙ୍କାନାଳ ପାର୍ଲ୍ୟାମେଣ୍ଟ ପ୍ରଭାରୀ ଗୋଲଖ ମହାପାତ୍ର ସମଗ୍ର ପାର୍ଲ୍ୟାମେଣ୍ଟ କ୍ଷେତ୍ରରେ ବୁଲି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଉଛନ୍ତି ।ଗୁରୁବାର ସନ୍ଧ୍ୟାରେ ଶ୍ରୀ ମହାପାତ୍ର ତାଳଚେର ବିଧାନସଭା କ୍ଷେତ୍ରର ଟେଣ୍ଟୁଲେଇ ପଂଚାୟତ ଓ ଗୋବରା ପଂଚାୟତ ର ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଟେଣ୍ଟୁଲେଇ ପଂଚାୟତ ରେ ଗାଁ କୁ ଚାଲ ଅଭିଯାନ ରେ ଘର ଘର ବୁଲି ମୋଦି ସରକାର ଙ୍କର ସମସ୍ତ ଯୋଜନା ଓ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ପ୍ରୟାସ ରେ ହୋଇଥିବା ବିଭିନ୍ନ କାର୍ଯ୍ୟ ଉପରେ ଲୋକଙ୍କୁ ସଚେତନ କରାଇବା ସହ ଲିଫ୍‌ଲେଟ ପ୍ରଦାନ କରାଯାଇଥିଲା ।ଉକ୍ତ କାର୍ଯ୍ୟକ୍ରମରେ ତାଳଚେର ବିଧାନସଭା ର ନେତା କାଳନ୍ଦି ସାମଲ, ଜିଲ୍ଲା ମିଡ଼ିଆ ସେଲ ଅଧକ୍ଷ ପର୍ଶୁରାମ ବାରିକ, ମଣ୍ଡଳ ପ୍ରଭାରୀ କାଳନ୍ଦି ପ୍ରଧାନ, ମଣ୍ଡଳ ସଭାପତି ନରେନ୍ଦ୍ର ସାହୁ, ଅଶୋକ ସିଂହ, ପଂଚାୟତ ପ୍ରମୁଖ ପ୍ରତାପ ପଟ୍ଟନାୟକ, ଦୀପକ ଦାସ, ଲିଜା ବେହେରା, ପ୍ରତିମା ଚୌଧୁରୀ, ବୀଣାପାଣି ନାୟକ, ହର ମୋହନ ମିଶ୍ର, ଉଚ୍ଛନ୍ନ ପଟ୍ଟନାୟକ, ସୁଭାସିନୀ ମହାପାତ୍ର,ବିମଳ ଭୋଇ ଙ୍କ ସମେତ ସମସ୍ତ ବୁଥ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ ।ପରେ ଗୋବରା ପଂଚାୟତ ରେ ଶକ୍ତିକେନ୍ଦ୍ର ର ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଥିଲା।

## ମହାରାଷ୍ଟ୍ରରେ ୩୯ ଆସନ ପାଇଁ ଡିଲ୍ ଫାଇନାଲ, ବାକି ରହିଲା ଆଉ ୯

ନୂଆଦିଲ୍ଲୀ,୨୩।୨(ପି.ଏନ): ଆସନ୍ତା ସାଧାରଣ ନିର୍ବାଚନ ପାଇଁ ବିଭିନ୍ନ ଦଳ ସହ ସିଟ ଶେୟାରିଂ ଫର୍ମୁଲାକୁ ଫାଇନାଲ କରୁଥିବା କଂଗ୍ରେସ ଏବେ ଆଉ ଗୋଟିଏ ପାଦ ଆଗକୁ ବଢ଼ିଛି । ଉତ୍ତର ପ୍ରଦେଶ,ଗୋଆ, ଦିଲ୍ଲୀ, ଗୁଜରାଟ ଓ ହରିଆଣା ପରେ ଆଜି ମହାରାଷ୍ଟ୍ରରେ କଂଗ୍ରେସ ସହଯୋଗୀଙ୍କ ଦଳଙ୍କ ସହ ସିଟ୍ ଶେୟାରିଂ ଡିଲ୍ ଫାଇନାଲ କରିଛି ।ରାଜ୍ୟର ୪୮ଟି ଲୋକସଭା ଆସନ ମଧ୍ୟରୁ କଂଗ୍ରେସ ଓ ସହଯୋଗୀଙ୍କ ମଧ୍ୟରେ ୩୯ଟି ସ୍ଥାନରେ ଡିଲ ଚୂଡ଼ାନ୍ତ ହୋଇଛି । ବାକି ୯ଟି ଆସନ ପାଇଁ ବୁଝାମଣା ହୋଇ ପାରି ନଥିବା ଜଣାପଡିଛି ।ସିଟ୍



ଶେୟାରିଂ ଫର୍ମୁଲା ଫାଇନାଲ କରିବା ପୂର୍ବରୁ କଂଗ୍ରେସ ନେତା ରାହୁଲ ଗାନ୍ଧି ଶିବସେନା(ୟୁବିଟି) ବସ୍ ଉଦ୍ଧବ ଠାକରେ ଓ ଶରଦ ପାୱାରଙ୍କ ସହ କଥା ହୋଇଥିଲେ । ଏହାପରେ ସିଟ୍ ଶେୟାରିଂ ଫର୍ମୁଲାକୁ ୩ ଦଳ ମିଳିତ ଭାବେ ଫାଇନାଲ କରିଛନ୍ତି । ତେବେ ଡିଲ୍ ଫାଇନାଲ ହୋଇଥିବା ୩୯ଟି ଆସନ ମଧ୍ୟରୁ କେଉଁ ଦଳ କେତୋଟି ଆସନରେ ଲଢ଼ିବେ, ସେକଥା ଜଣାପଡି ନାହିଁ।

## ରାହୁଲ ଗାନ୍ଧି, ଶିବ କୁମାର ଓ ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟାଙ୍କୁ କୋର୍ଟ ସମନ

ଭୁବନେଶ୍ୱର,୨୩।୨(ପି.ଏନ): କର୍ଣ୍ଣାଟକା ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟା, ତାଙ୍କ ଡେପୁଟି ଡିକେ ଶିବକୁମାର ଓ କଂଗ୍ରେସ ନେତା ରାହୁଲ ଗାନ୍ଧିଙ୍କୁ ଗୋଟିଏ କୋର୍ଟ ସମନ କରିଛନ୍ତି । ରାଜ୍ୟରେ ପୂର୍ବରୁ କ୍ଷମତା ଥିବା ବିଜେପି ସରକାର ବିରୋଧରେ ଏମାନେ ୪୦% କମିସନି ନାରା ଦେଇ ପ୍ରଚାର କରୁଥିଲେ ।ନିର୍ବାଚନ ବେଳେ ବିଜେପି ସରକାର ସବୁ କାମ ପାଇଁ ୪୦% କମିସନି ନେଉଥିବା କଂଗ୍ରେସ ନେତାମାନେ କହିବା ସହ ତତ୍କାଳୀନ ମୁଖ୍ୟମନ୍ତ୍ରୀ ବାସବରାଜ ବୋମାଇଙ୍କ ଫଟୋ ଦେଇ ପେ'ସିଏମ ପୋଷ୍ଟର ମଧ ଲଗାଇଥିଲେ ।



## ବିଜେଡି ଓ ବିଜେପିର ବିଫଳତା ଓ ଦୁର୍ନୀତି ବିରୋଧରେ କଂଗ୍ରେସର ଚେତାବନୀ

ଭୁବନେଶ୍ୱର,୨୩।୨(ପି.ଏନ): ରାଜ୍ୟରେ ଦୀର୍ଘ ୨୪ବର୍ଷର ଶାସନ କାଳରେ ବିଜେଡି ସରକାର ପ୍ରତ୍ୟେକ କ୍ଷେତ୍ରରେ ବିଫଳ ହୋଇଛି । ରାଜ୍ୟର ସବୁ ବ୍ଲକକୁ ୩୫% ଜଳସେଚନ ସୁବିଧା, କୃଷିଜାତ ଦ୍ରବ୍ୟର ସଂରକ୍ଷଣ, ଧାନର ଅଭାବୀ ବିକ୍ରି ସମସ୍ୟାର ସମାଧାନ, ଚାଷୀଙ୍କୁ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୨୯୩୦ ଟଙ୍କା ପ୍ରଦାନ କିମ୍ବା ବେକାରୀ ସମସ୍ୟା ସମାଧାନ ଆଦି ସବୁ କ୍ଷେତ୍ରରେ ରାଜ୍ୟ ସରକାର ବିଫଳ ହୋଇଛନ୍ତି । ଅନ୍ୟପକ୍ଷରେ ୧ଲକ୍ଷ କୋଟି ଟଙ୍କାର ଖଣି ଦୁର୍ନୀତି, ୨୦ ହଜାର କୋଟି ଟଙ୍କାର ଚିଟ୍‌ଫଣ୍ଡ ଦୁର୍ନୀତି, ପାନୀୟଜଳ ଯୋଗାଣରେ ୩୩ ହଜାର କୋଟିର ଠିକା ଦୁର୍ନୀତି, ବିଦ୍ୟୁତ୍ ସେବା ଭିତିଭୂମି ଆଳରେ ୩୫ ହଜାର କୋଟି ଟଙ୍କାର ଦୁର୍ନୀତି ଏବଂ ନାରୀ ନିର୍ଯାତନା ଓ ନାବାଳିକା ଚାଲାଣ ଆଦି ବିଜେଡି ସରକାରଙ୍କ ସଫଳତାର ଫର୍ଦ୍ଦ କହିଲେ ନ ସରେ । ଏସବୁ ଦୁର୍ନୀତି ଓ ଅନ୍ୟାୟ ପ୍ରତିବାଦରେ ଆସନ୍ତା ତା-୨୬.୨.୨୦୨୪ ରିଖ ସୋମବାର ପୂର୍ବାହ୍ଣ ୧୧ଟାରେ କଂଗ୍ରେସ ଭୁବନେଶ୍ୱରସ୍ଥିତ ରାଜ୍ୟ ସଚିବାଳୟ (ଲୋକସେବା ଭବନ) ଘେରାଉ କରିବ ବୋଲି ପ୍ରଦେଶ କଂଗ୍ରେସ କମିଟି ସଭାପତି ଶରତ ପଟ୍ଟନାୟକ କହିଛନ୍ତି । ଶୁକ୍ରବାର କଂଗ୍ରେସ ଭବନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ପଟ୍ଟନାୟକ କହିଲେ ଯେ ଗତ ୨୪ବର୍ଷ ହେଲା ବିଜେଡି ସରକାର ଦୁର୍ନୀତିରେ ବୁଡି ରହିଛନ୍ତି । ରାଜ୍ୟର ପ୍ରକୃତ ବିକାଶ କରିବା ପରିବର୍ତ୍ତେ କେବଳ ନିର୍ବାଚନ ସମୟରେ ବଡ଼ ବଡ଼ ଘୋଷଣା କରି ଲୋକଙ୍କୁ ଭୁଆଁ ବୁଲାଉଛନ୍ତି । କୃଷି କ୍ଷେତ୍ରର ଉପଯୁକ୍ତ ବିକାଶ, ଚାଷଜମିକୁ ଜଳସେଚନ, ବିଧାନସଭାରେ ସର୍ବସମ୍ମତି କ୍ରମେ ହୋଇଥିବା ନିଷ୍ପତି ଅନୁଯାୟୀ ଚାଷୀଙ୍କୁ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୨୯୩୦ ଟଙ୍କା ପ୍ରଦାନ କରିବାରେ ସରକାର ଆନ୍ତରିକତା ଦେଖାଉ ନାହାନ୍ତି । ଅଥଚ ନିର୍ବାଚନ ଆସିଲେ କାଳିଆ ଯୋଜନା କରି ଚାଷୀଙ୍କୁ ପ୍ରତାରଣା କରୁଛନ୍ତି ।

## ଅନୁଗୁଳ ରୁ ୫୦୦ ରୁ ଉର୍ଦ୍ଧ୍ୱ ରାମଭକ୍ତ ଙ୍କୁ ନେଇ ଅଯୋଧା ଗଡିଲା ସ୍ୱତନ୍ତ୍ର ଆସ୍ଥା ଟ୍ରେନ

ଅନୁଗୁଳ,୨୩।୨(ପି.ଏନ): ଦୀର୍ଘ ୫୦୦ ବର୍ଷର ସଂଘର୍ଷ ପରେ ଅଯୋଧାରେ ପ୍ରଭୁ ଶ୍ରୀରାମ ଙ୍କ ମନ୍ଦିରରେ ଗତ ଜାନୁଆରୀ ୨୨ ରେ ରାମଲାଲା ଙ୍କର ପ୍ରାଣ ପ୍ରତିଷ୍ଠା ହୋଇଯାଇଛି ।ସମଗ୍ର ବିଶ୍ୱରେ ମନ୍ଦିର ପ୍ରତିଷ୍ଠା କୁ ନେଇ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଛି ।ଅଯୋଧାରେ ଭଗବାନ ପ୍ରଭୁ ଶ୍ରୀରାମ ଙ୍କୁ ଦର୍ଶନ କରିବା ପାଇଁ ସାଧାରଣ ଲୋକଙ୍କ ପାଖରେ ଉତ୍ସୁକତା ଦେଖା ଦେଇଛି ।ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତଥା ଅନୁଗୁଳ ଜିଲ୍ଲାର ସୁପୁତ୍ର ଓଡ଼ିଶାର ରତ୍ନ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ପ୍ରୟାସ ରେ ଅନୁଗୁଳ ରୁ ଅଯୋଧ୍ୟା ଏକ ସ୍ୱତନ୍ତ୍ର ଆସ୍ଥା ସ୍ପେସିଆଲ ଟ୍ରେନ ଶୁକ୍ରବାର ଭୋର ୪ଟାରୁ ଅନୁଗୁଳ ଜିଲ୍ଲା ରୁ ୫୦୦ ରୁ ଉର୍ଦ୍ଧ୍ୱ ଏବଂ ସମୁଦାୟ



୧୪୭୨ ଜଣ ରାମଭକ୍ତଙ୍କୁ ନେଇ ଯାତ୍ରା ଆରମ୍ଭ କରିଛି ।ଏ ପରିପ୍ରେକ୍ଷୀରେ ଅନୁଗୁଳ ରେଲୱେ ଷ୍ଟେସନ ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ବିଜେପି ରାଜ୍ୟ ଉପ ସଭାପତି ଗୋଲଖ ମହାପାତ୍ର ଯୋଗଦେଇ ୧୯୯୨ ମସିହା ରେ ଟ୍ରେନ ରେ ଯାଇଥିବା କାର ସେବକ ଙ୍କୁ ଲାଠି ମାଡ଼ ଓ ଅତ୍ୟାଚାର କରାଯାଇଥିବା ବେଳେ ଏବେ ମୋଦି ଶାସନରେ ଅଯୋଧା ଯାଉଥିବା ରାମଭକ୍ତ ଙ୍କୁ ଫୁଲ ଚନ୍ଦନ ଦେଇ ସ୍ୱାଗତ କରି ସ୍ୱତନ୍ତ୍ର ଭାବେ ନିଆଯାଇଛି ।ଆଜି ଅନୁଗୁଳ ରୁ ଆସ୍ଥା ସ୍ପେସିଆଲ ଟ୍ରେନ ର ଅଯୋଧା ଯାତ୍ରା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ,କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଓ ବିଶେଷ କରି ଏ ମାଟିର ପୁଅ ଓଡ଼ିଶାର ରତ୍ନ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଙ୍କ ପାଇଁ ସମ୍ଭବ ହୋଇପାରିଛି ବୋଲି ସେ କହିଛନ୍ତି ।ରାଜ୍ୟ ଉପ ସଭାପତି ଗୋଲଖ ମହାପାତ୍ର ଉକ୍ତ ଟ୍ରେନ କୁ ଲାଇଟ ଦେଖାଇ ଶୁଭାରମ୍ଭ କରିଥିଲେ ।ଶତାଧିକ ରାମଭକ୍ତ ଙ୍କ ମଧ୍ୟରେ ଜୟ ଶ୍ରୀରାମ ଧ୍ୱନୀ ରେ ସମଗ୍ର ଅଂଚଳ ପ୍ରକମ୍ପିତ ହେଉଥିଲା ।ଆଜିର ଏହି କାର୍ଯ୍ୟକ୍ରମରେ ବିଜେପି ଜିଲ୍ଲା ସଭାପତି ଡିଳେଶ୍ୱର ପ୍ରଧାନ, ଏନ ଏସ ଆଇ ସି ଡାଇରେକ୍ଟର କାଳନ୍ଦି ସାମଲ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଶୋକ ମହାନ୍ତି, ପ୍ରତାପ ଚନ୍ଦ୍ର ପ୍ରଧାନ ,ଅଗସ୍ତି ବେହେରା ଓ ପ୍ରତିମା ମିଶ୍ର ,ଜିଲ୍ଲା ମିଡ଼ିଆ ସେଲ ଅଧକ୍ଷ ପର୍ଶୁରାମ ବାରିକ ଙ୍କ ସମେତ ସମସ୍ତ ଜିଲ୍ଲା ପଦାଧିକାରୀ ଉପସ୍ଥିତ ଥିଲେ ।

## ନିଜେ ମରି ଆଉ କାହା ଦେହରେ ବଞ୍ଚି ରହିଲେ ଦମୟନ୍ତୀ

ଭୁବନେଶ୍ୱର,୨୩।୨(ପି.ଏନ): ନବମ ଶ୍ରେଣୀରେ ପଢୁଥିଲେ । କେତେ କ'ଣ ସ୍ୱପ୍ନ ଦେଖୁଥିଲେ । ହେଲେ ଜୀବନକୁ ଭଲ କରି ଦେଖିବା ପୂର୍ବରୁ ଅଫେରା ପଥରେ ଚାଲିଗଲେ ୧୪ ବର୍ଷର ଝିଅ ଦମୟନ୍ତୀ । ଦୀର୍ଘ ଦିନ ଧରି ମେଡିକାଲ୍ ବେଡ୍‌ରେ ଜୀବନ ସହ ସଂଘର୍ଷ କରି ଶେଷରେ ହାରିଗଲେ । ଆଉ ଜନ୍ମ ଦେଇଥିବା ବାପା-ମାଆଙ୍କୁ କନ୍ଦାଇ ଦେଇଗଲେ । ହେଲେ ବଞ୍ଚାଇ ଦେଇଗଲେ ଆଉ କାହା ଜୀବନ ।କେନ୍ଦୁଝର ବରେଇଗୋଡା ଗାଁର ଦୁଃଖବନ୍ଧୁ ମହାନ୍ତି ଭୁବନେଶ୍ୱରରେ ଅଟୋ ଚଳାଇ ପତ୍ନୀ ବନିତା ଓ ଝିଅ ଦମୟନ୍ତୀଙ୍କ ସହ ରହୁଥିଲେ । ନବମ ଶ୍ରେଣୀରେ ଦମୟନ୍ତୀ ପଢ଼ନ୍ତି । ଆଜକୁ ୫ ମାସ ତଳେ ସେ ଅସୁସ୍ଥ ହୋଇପଡିଥିଲେ । ତାଙ୍କୁ କ୍ୟାପିଟାଲ୍ ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇଥିଲା । ଚିକିତ୍ସା ବେଳେ ତାଙ୍କର କିଡନୀ ସମସ୍ୟା ଥିବା ଜଣାପଡିଥିଲା । ଏହା ପରେ ଡାକ୍ତରଙ୍କ ପରାମର୍ଶରେ ସେଠାରେ ତାଙ୍କ ଡାଏଲିସିସ୍ ଚାଲିଥିଲା । ଗତ ୧୫ ତାରିଖରେ ତାଙ୍କର ବ୍ରେନ୍ ଷ୍ଟ୍ରୋକ୍ ହୋଇଥିଲା । କ୍ୟାପିଟାଲ୍ ହସ୍ପିଟାଲ୍ ସ୍କାନିଂ କରିବା ବେଳେ ବ୍ରେନ୍ ଷ୍ଟ୍ରୋକ୍ ହୋଇଥିବା ଜଣାପଡିଥିଲା ।





## ବାଣୀଧାରା ପକ୍ଷରୁ ଅଭିନବ ଢଙ୍ଗରେ ଅନୈତିକ ଡ୍ରଗ୍ସ ବିରୋଧୀ ସଚେତନତା କାର୍ଯ୍ୟକ୍ରମ

ପାରାଦୀପ,୨୩।୨(ପି.ଏନ): ଅଗ୍ରଣୀ ନିଶା ନିବାରଣ ସଚେତନତା ଧର୍ମୀ ଅନୁଷ୍ଠାନ 'ବାଣୀଧାରା' ପକ୍ଷରୁ ଅନୈତିକ ଡ୍ରଗ୍ସ ବିରୋଧରେ ଏକ ନୂଆ ଢଙ୍ଗରେ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଗୋପିଆକୁଦ ଖେଳ ପଡିଆରେ ବେଙ୍ଗା ଗ୍ରୁପ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଅବସରରେ, ବାଣୀଧାରା ତରଫରୁ 'ଡ୍ରଗ୍ସ ନା କୁହ, କ୍ରୀଡ଼ାକୁ ହଁ କୁହ' ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା କ୍ଷ ଏହି ଅବସରରେ ଅନୁଷ୍ଠାନର ଉପଦେଷ୍ଟା ଗତିକୃଷ୍ଣ ଶତପଥି ଉଭୟ ଦଳର ଖେଳାଳି ଏବଂ ଆୟୋଜକ ଗ୍ରୁପ୍ ର ସମସ୍ତଙ୍କୁ ଅନୈତିକ ଡ୍ରଗ୍ସ ସେବନ ବିରୋଧରେ ସଚେତନତା କରାଇବା ପାଇଁ ସଂକଳ୍ପ ପାଠ କରାଇଥିଲେ । ବାଣୀଧାରା ତରଫରୁ ବାଣୀ କ୍ରୀଡା ସଂସଦର କିଶୋର କୁମାର ସ୍ୱାଇଁ ଅଧିନାୟକ ଥିବାବେଳେ, ଗୋପିଆକୁଦ୍ ବିଏମସିସି ଦଳର କେଶବ ଚନ୍ଦ୍ର ମଙ୍ଗୁଆଳ ଅଧିନାୟକ ଥିଲେ । ଉଭୟ ଦଳ ତରଫରୁ ୫୦ ବର୍ଷରୁ ଉର୍ଦ୍ଧ ଖେଳାଳି ମାନେ ଖେଳୁଥିବା ବେଳେ ଖେଳ ସମାପ୍ତ ପରେ ପରସ୍ପର ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ ପରିବେଶ ସୃଷ୍ଟି ହୋଇଥିଲା । ସମ୍ପ୍ରତି ଡ୍ରଗ୍ସ ବା ନିଶା ବ୍ୟବହାର ଓ କାରବାର ଏକ ବ୍ୟାଧି ପରି ସମାଜରେ ବେନିୟନ୍ତ୍ରିତ ଭାବେ ବୃଦ୍ଧି ପାଇଥିବା ବେଳେ ବାଣୀଧାରାର ଏପରି ନିରବଚ୍ଛିନ୍ନ ମହତ ଉଦ୍ୟମ ଓ ପ୍ରୟାସକୁ ସାଧାରଣରେ ଉଚ୍ଚ ପ୍ରଶଂସା କରାଯିବା ସହ ଆଗାମୀ ଦିନରେ ଏହି ପ୍ରୟାସ ଦିନେ ନିଶ୍ଚିତ ସଫଳ ହେବ ବୋଲି ବିଶ୍ୱାସ କରାଯାଏ ।

## ସ୍କୁଟିରେ ଗଲା ବେଳେ ଧକ୍କା ଦେଲା ଟ୍ରକ, ପରିବାରର ୩ ମୃତ

କେନ୍ଦୁଝର,୨୩।୨(ପି.ଏନ): ଏକ ମର୍ମନ୍ତୁଦ ଦୁର୍ଘଟଣା ଖବର ସାମ୍ନାକୁ ଆସିଛି । ସ୍କୁଟିରେ ଗଲା ବେଳେ ଟ୍ରକ୍ ଏମାନଙ୍କୁ ଜୋରରେ ଧକ୍କା ଦେଇଛି, ଫଳରେ ଗୋଟିଏ ପରିବାରର ୩ ଜଣ ସଦସ୍ୟଙ୍କର ମୃତ୍ୟୁ ଘଟିଛି । ଘଟଣାସ୍ଥଳରେ ପୋଲିସର ଛାନଭିନ ଚାଲିଛି ।ସୂଚନା ଅନୁଯାୟୀ, କେନ୍ଦୁଝରର ପିପିଳିଆ ଠାରେ ସ୍କୁଟିରେ ଯିବା ବେଳେ ଏକ ଲୁହା ବୋଝେଇ ଟ୍ରକ ଏମାନଙ୍କୁ ଧକ୍କା ଦେଇଛି । ବାପପୁଅ ସ୍କୁଟିରେ ବାଙ୍କପାଟୁଳି ହାଟକୁ ଯିବା ବେଳେ ଏପରି ଅଘଟଣ ଘଟିଛି । ଏହି ବାପପୁଅଙ୍କ ମୃତ୍ୟୁ ଖବର ଶୁଣି ଦାଦାଙ୍କର ହୃଦଘାତରେ ମୃତ୍ୟୁ ଘଟିଛି ।ଏହି ୩ ଜଣ ମୃତକ ଘଟଗାଁ ଥାନା ବାରିଗାଁର ଅଟନ୍ତି । ତେବେ ଘଟଣାସ୍ଥଳରେ ଉତ୍ତ୍ୟକ୍ତ ଲୋକେ ରସ୍ତାରୋକ କରିଛନ୍ତି । ସେଠାରେ ପୋଲିସ ପହଁଚି ଶବ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ଥିବା ସହ ଘଟଣାର ତଦନ୍ତ ଚଳାଇଛି ।






# ଟି ଟାଇମ୍

## ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ

ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାବ୍ରୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ । ଯେବେ ବି ଥକ୍କାପଣ ଅନୁଭବ ହୁଏ ତେବେ ୧୫ କିମ୍ବା ୨୦ମିନିଟ୍ର ବିଶ୍ରାମ ଯେମିତି ହେଲେ ନେବେ । ନୀଦ ପୂରା ନହେଲେ ଶରୀରର ଓଜନ ମଧ୍ୟ ବଢ଼ିଥାଏ ଓ ଥକ୍କାପଣ ଜଲଦି ଆସିଯାଇଥାଏ ।

## କାଳୀ ଚରଣ ପଟ୍ଟନାୟକ

ଓଡିଆ ନାଟ୍ୟକାର ଓ କବି ଥିଲେ। ସେ ୧୮୯୭ ଡିସେମ୍ବର ୩ ତାରିଖ, ବକୁଳ ଅମାବାସ୍ୟା ଦିନ ବାଙ୍କୀ ସହର ଉପକଣ୍ଠରେ ଥିବା ଖମାରଙ୍ଗା ଗ୍ରାମରେ ପିତା ଦୁର୍ଗାଚରଣ ପଟ୍ଟନାୟକ ଓ ମାତା ରାଧାମାଳୀ ଦେବୀଙ୍କଠାରୁ ଜନ୍ମ ଗ୍ରହଣ କରିଥିଲେ। ସେ ପିତାମାତାଙ୍କର ଦ୍ୱିତୀୟ ସନ୍ତାନ ଥିଲେ। କାଳୀଚରଣଙ୍କ ପିତା ବଡମ୍ବାଗଡର ଦେବାନ ଥିଲେ। କାଳୀଚରଣ ପାରମ୍ପରିକ ଲୀଳା ନାଟକ ପ୍ରଦର୍ଶନ କରି ନିଜର ନାଟ୍ୟକାର ଜୀବନ ଆରମ୍ଭ କରିଥିଲେ ୪ର୍ଥ ଦଶକ ଦେବଳକୁ ସେ ଆଧୁନିକ ମଞ୍ଚ ନାଟକ ଲେଖି ତାହାର ବିପଣନ କରିବା ଆରମ୍ଭ କରିଥିଲେ। ସେଥି ପାଇଁ ୧୯୨୯ ମସିହାରେ "ସାକ୍ଷୀଗୋପାଳନାଟକ ସଂଘ" ଓ ୧୯୩୯ରେ "ଓଡିଶା ଥିଏଟର୍ସ" ନାମରେ ଏକ ରଙ୍ଗମଂଚ ଗଠନ କରି ଓଡିଶା ନାଟକାଭିନୟ ଜଗତର ପ୍ରସାର ଓ ଉନ୍ନତି କରିଥିଲେ। ତାଙ୍କର ଜନପ୍ରିୟ ନଟକ ଗାର୍ଲ ସ୍କୁଲ (୧୯୩୯) ଓଡିଆ ମଞ୍ଚାଭିନୟରେ ନୂତନ ଯୁଗର ଆରମ୍ଭ କରିଥିଲେ। ତାଙ୍କୁ ଆଧୁନିକ ଓଡଆ ନାଟ୍ୟଶାସ୍ତ୍ରର 'ଭରତ ମୁନି' ବୋଲି ମଧ୍ୟ କୁହାଯାଏ। ତାଙ୍କ ପ୍ରଚେଷ୍ଟାରୁ ୧୯୫୮ ମସିହାରେ ଓଡିଶୀ ନୃତ୍ୟ ଶାସ୍ତ୍ରୀୟ ମର୍ଯ୍ୟାଦା ପାଇଥିଲେ। ସେଥି ପାଇଁ ସମସ୍ତ ଓଡିଶୀ ନାଟ୍ୟଗୁରୁ ଓ ନୃତ୍ୟଶିଳ୍ପୀମାନେ ତାଙ୍କୁ ମନେ ରଖିଛନ୍ତି। କାଳୀଚରଣ ତାଙ୍କର ପ୍ରାଥମିକ ଶିକ୍ଷା ଚର୍ଚ୍ଚିକା ପ୍ରାଥମିକ ବିଦ୍ୟାଳୟରେ ସମ୍ପନ୍ନ କରି ଖୋର୍ଦ୍ଧା ଉଚ୍ଚବିଦ୍ୟାଳୟରେ ମାଟ୍ରିକ ପଢ଼ିଥିଲେ। କଟକର ରେଭେନ୍ସା କଲେଜରୁ ସେ ଉଚ୍ଚତର ଶିକ୍ଷା ଗ୍ରହଣ କରିଥିଲେ। ଖୋର୍ଦ୍ଧା ସ୍କୁଲରେ ପଢୁଥିବା ସମୟରେ ସଙ୍ଗୀତ ନାଟକ ପ୍ରତି ଆସକ୍ତ କଳୀଚରଣ ପ୍ରଥମ ସଙ୍ଗୀତଜ୍ଞ ବାସୁଦେବ ମହାପାତ୍ର ଓ ପରେ ଓସ୍ତାଦ୍ ଖାନୁ ଖାଁ, ବନଓ୍ୱାରୀ ମିଶ୍ରଙ୍କ ଭଳି ବିଶାରଦଙ୍କଠାରୁ ଶାସ୍ତ୍ରୀୟ ସଂଗୀତ ଶିକ୍ଷା କରିଥିଲେ। ବାଙ୍କୀର ମହାପର୍ବତ ଦେଖି ମହାପର୍ବତ ନାମକ ଖଣ୍ଡକାବ୍ୟ ଓ କଳଙ୍କ ଭଂଜନମାଳା ନାଟକ ରଚନା କରିବା ପରେ ଶିକ୍ଷକ ପଣ୍ଡିତ କୃପାସିନ୍ଧୁ ହୋତାଙ୍କ ପ୍ରକୃତି ବର୍ଣ୍ଣନା ପାଇଁ ଉପଦେଶ ତାଙ୍କର ରଚନାତ୍ମକ ଦୃଷ୍ଟିଭଙ୍ଗୀରେ ଏକ ଉଲ୍ଲେଖନୀୟ ପରିବର୍ତ୍ତନ ଆଣିଥିଲା। ଗୋବିନ୍ଦଚନ୍ଦ୍ର ଶୂଦଦେଓଙ୍କ ସମ୍ପର୍କରେ ଆସି ତାଙ୍କର ନାଟକ ସୁଲଭତା ବିକଶିତ ହୋଇଥିଲା। ୧୯୧୮ ମସିହାରେ ଆଇ.ଏ ପଢ଼ିବାବେଳେ ସେ ପ୍ରଥମ ନାଟକ ଧ୍ରୁବ ରଚନା କରିଥିଲେ ମଧ୍ୟ ତାଙ୍କର ପ୍ରଥମ ସାମାଜିକ ନାଟକ ଥିଲା ୧୯୩୪ ମସିହାରେ ରଚିତ ପ୍ରତିଶେଶଧ। ପ୍ରାୟ ୪୦ ଟି ପୂର୍ଣ୍ଣାଙ୍ଗ ନାଟକ ସହିତ ସେ ରଚନା କରିଯାଇଛନ୍ତି ବହୁ ନୃତ ନାଟିକା, କାବ୍ୟ ନାଟିକା, ଗଳ୍ପ, ଉପନ୍ୟାସ, କବିତା ଆଦି ଅନେକ ଅନବଦ୍ୟ କୃତି।

## ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

# ପୁରାଣ କାହାଣୀ

## ପଂଚବଟୀ ରେ ରାମଚନ୍ଦ୍ର

ଭାରତ ରାମଙ୍କୁ ବହୁତ ଅନୁନୟ ବିନୟ ପୂର୍ବକ ଫେରିଆସିବାକୁ ଏବଂ ରାଜ୍ୟ ଭାର ଗ୍ରହଣ କରିବାକୁ ଆକୁଳ ପ୍ରାର୍ଥନା କଲେ। ମାତ୍ର ରାମ ଭରତଙ୍କ ଅନୁରୋଧ ପ୍ରତ୍ୟାଖାନା କରିଥିଲେ। ରାମ, ସୀତା ଏବଂ ଲକ୍ଷ୍ମଣ ଏହି ବନବାସ ସମୟରେ ଗୋଦାବରୀ ନାଦୀ ତଟରେ ଗମନ କରି ପଞ୍ଚବଟୀ ଠାରେ ଏକ କୁଟୁର ନିର୍ମାଣ କରି ଅବସ୍ଥାନ କଲେ। ସେହି ସମୟରେ ଋଷିମୁନିମାନଙ୍କର ଅନୁରୋଧ କ୍ରମେ ସେମାନେ ଅନେକ ରାକ୍ଷ କୁ ବଧ କରିଥିଲେ। ବିରାଧ ରାକ୍ଷସ ଏମାନଙ୍କ ମଧ୍ୟରେ ପ୍ରଥମ ଥିଲା।



## ପତ୍ନୀ ଛାଡ଼ି ପଳାଇଲେ ଉପହାରରେ ମିଳୁଛି ଅବିବାହିତ ଝିଅ

ବେଜିଂ ଯଦି କୌଣସି ବ୍ୟକ୍ତିଙ୍କ ପତ୍ନୀ ତାଙ୍କୁ ଛାଡି ଅନ୍ୟ କାହା ସହ ଫେରାର ହୋଇଥାନ୍ତି ତେବେ ଏନେଇ ସ୍ୱାମୀଙ୍କୁ ଚିନ୍ତା କରିବାର ଆଉ ଆବଶ୍ୟକତା ନାହିଁ। କାରଣ ଏଭଳି ସ୍ୱାମୀଙ୍କୁ ଉପହାରରେ ଦିଆଯାଉଛି ଅବିବାହିତ ଝିଅ। ତା' ପୁଣି ପତ୍ନୀ ଛାଡି ପଳାଇବାର ୧ବର୍ଷ ଭିତରେ। ଚୀନର ଏକ ମ୍ୟାରେଜ ବ୍ୟୁରୋ ସଂସ୍ଥା ନିଜ ବିଜ୍ଞାପନରେ ଏହି ଅଫର ଦେଇଛି। ସୋସିଆଲ ମିଡିଆରେ ପ୍ରକାଶିତ ଖବର ଅନୁସାରେ ଚୀନର ଏକ ମ୍ୟାରେଜ



ବ୍ୟୁରୋ ସଂସ୍ଥା ନିଜ ବିଜ୍ଞାପନରେ ଉଲ୍ଲେଖ କରିଛି ଯେ ଯଦି କୌଣସି ଚୀନର ବ୍ୟକ୍ତି ଭିଏତନାମର ମହିଳାଙ୍କୁ ବିବାହ କରିଛନ୍ତି ଏବଂ ଏହି ମହିଳା ତାଙ୍କୁ ଛାଡି ଅନ୍ୟତ୍ର ଘର ବସାଉଛନ୍ତି ତେବେ ଏହାର ପ୍ରତିବଦଳରେ ଉକ୍ତ ବ୍ୟକ୍ତିଙ୍କୁ ଭିଏତ୍ନାମର ଜଣେ ଅବିବାହିତା କନ୍ୟାଙ୍କୁ ମାଗଣାରେ ବିବାହ କରିବାର ସୁବିଧା ପ୍ରଦାନ କରାଯିବ। ୧ବର୍ଷ ଭିତରେ ଏହି ସୁବିଧା ପ୍ରଦାନ କରାଯିବ ବୋଲି ସଂସ୍ଥା ପକ୍ଷରୁ କୁହାଯାଇଛି।

## ସଡକ ପୂରା କରିବା ପାଇଁ ବିକିଦେଲେ ସମସ୍ତ ସମ୍ପତି

ଟେକ୍ସାସ୍ ସାଧାରଣତଃ ନିଜ ଘର ଓ ପରିବାରର ଆବଶ୍ୟକତା ପାଇଁ ଲୋକେ ଅର୍ଥ ସଂଚୟ କରିଥାନ୍ତି। ହେଲେ ଟେକସାସ୍ରେ ରହୁଥିବା ଜଣେ ଦମ୍ପତ୍ତି ନିଜର ଭ୍ରମଣ ସଡକ ପୂରା କରିବା ପାଇଁ ନିଜ ଘର ସହ ସମସ୍ତ ସମ୍ପତ୍ତିକୁ ବିକ୍ରି କରିଦେଇଛନ୍ତି। ଏହି ଦମ୍ପତ୍ତିଙ୍କର ମଧ୍ୟ ୫ଟି ସନ୍ତାନ ଅଛି। ଏହି ସ୍ୱାମୀ ସ୍ତ୍ରୀ ଜଣଙ୍କ ହେଉଛନ୍ତି ଷ୍ଟିଫେନ୍ ଏବଂ ଜୋର୍ଡାନ୍। ବର୍ତ୍ତମାନ ସେମାନେ ତୁର୍କୀ ଓ ଅଷ୍ଟ୍ରେଲିଆ ଟୁର୍



କରି ଫେରିଥିଲା ବେଳେ ଖୁବ୍ ଶୀଘ୍ର ଆଣ୍ଟାର୍କଟିକା, ନ୍ୟୁଜଲାଣ୍ଡ ଗସ୍ତରେ ଯିବାର ଯୋଜନାରେ ଅଛନ୍ତି। ପେଶାରେ ଓ୍ୱେବ ଡିଜାଇନର ଥିବା ଷ୍ଟିଫେନ୍ କୁହନ୍ତି ଯେ ମୋ ସ୍ୱାମୀ ଜୋଡାନ୍ଙ୍କର ଭ୍ରମଣ କରିବାର ବଡ଼ ସଉକ ରହିଛି। ସେ ମୋ ସହ ପିଲାମାନଙ୍କୁ ନେଇ ବିଭିନ୍ନ ଦେଶ ଭ୍ରମଣ କରୁଛନ୍ତି। ଏଥିପାଇଁ ଆମେ ଆମର ଘର ଓ ସମସ୍ତ ସମ୍ପତ୍ତି ବିକ୍ରି କରିଦେଇଛୁ। ତେବେ ଭ୍ରମଣ ପରେ ପୁଣି ଥରେ ନୂଆ ଘର ବସାଇବା ଯଦିଓ କଷ୍ଟକର ତଥାପି ଭ୍ରମଣ ସାରିବା ପରେ ହିଁ ଆମେ ଏ ସମ୍ପର୍କରେ ନିଷ୍ପତ୍ତି ନେଉ। ବିଶ୍ୱ ଭ୍ରମଣ ଦ୍ୱାରା ନୂଆ ଭାଷା, ନୂଆ ସଂସ୍କୃତି ସହ ଆମେ ଅବଗତ ହୋଇପାରୁଛୁ।

## ମହିଳା ଚପଲ ଉଠାଇବାରୁ ପଳାଇଲା କୁମ୍ଭୀର

ସିଡନୀ କୁମ୍ଭୀରଟିଏ ଦେଖିଲେ ଯେକୌଣସି ବ୍ୟକ୍ତିର ମନରେ ଭୟ ସୃଷ୍ଟି ହେବା ସ୍ୱାଭାବିକ। ହେଲେ ଅଷ୍ଟ୍ରେଲିଆର କକାଡୁ ନ୍ୟାସନାଲ ପାର୍କରେ ଏକ ଭିନ୍ନ ଘଟଣା ଦେଖିବାକୁ ମିଳିଛି। ଯେତେବେଳେ ଜଣେ ମହିଳା ଆକ୍ରମଣାତ୍ମକ ଆଭିମୁଖ୍ୟ ରଖିଥିବା ଏକ କୁମ୍ଭୀରକୁ ଚପଲ ଦେଖାଇଲେ ସେତେବେଳେ କୁମ୍ଭୀରଟି ହ୍ରଦ ଭିତରକୁ ପଳାଇଥିଲା। ମହିଳା ଜଣଙ୍କ ପାର୍କରେ ନିଜ କୁକୁର ସହ ବୁଲୁଥିଲା ବେଳେ ପାଖରେ ଥିବା



ଏକ ହ୍ରଦରୁ କିଛି କୁମ୍ଭୀର ତାଙ୍କୁ ଦେଖିବା ସହ ଆକ୍ରମଣ କରିବାର ପରିସ୍ଥିତିକୁ ଆସିଥିଲେ। ଏହାଦେଖି ମହିଳା ଜଣଙ୍କ ବିନା ଡରରେ ଚପଲ ଉଠାଇ ମାରିବାକୁ ଗୋଡାଇଥିଲେ କୁମ୍ଭୀରମାନଙ୍କୁ। ଆଉ କୁମ୍ଭୀରମାନେ ପଳାଇଥିଲେ ହ୍ରଦ ଭିତରକୁ। ଏହି ଘଟଣାଟି ପାର୍କରେ ଲାଗିଥିବା ସିସି ଟିଭି କ୍ୟାମେରାରେ କଏଦ ହୋଇଯାଇଥିଲା। ବର୍ତ୍ତମାନ ଏହି ଭିଡିଓ ସୋସିଆଲ ମିଡିଆରେ ବଡ଼ ଭାଇରାଲ ହୋଇଛି।

## ଚା'ପତି ବଦଳରେ କୀଟନାଶକ, ୨ମୃତ



ଭଭୁଆ ବିହାରର କେମୁ ଜିଲା କୁଡନି ଥାନାରେ ବିଷାକ୍ତ ଚା' ପିଇ ଦୁଇ ମହିଳାଙ୍କ ମୃତ୍ୟୁ ସହ ୬ଜଣ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଚିକିତ୍ସିତ ହେବା ଘଟଣାରେ ପ୍ରକୃତ ତଥ୍ୟ ପଦାକୁ ଆସିଛି। ଚା' ତିଆରି ସମୟରେ ଭୁଲ ବଶତଃ ଚା' ପତି ବଦଳରେ ପକାଯାଇଥିଲା କୀଟନାଶକ। ପୁଲିସର କହିବା ଅନୁସାରେ ସୋତବା ଗ୍ରାମର ଦଶବନ୍ତି ଦେବୀଙ୍କ ଘରକୁ ସୋମବାର କିଛି ଅତିଥି ଆସିଥିଲେ। ରାତ୍ର ଭୋଜନ ସରିବା ପରେ ସମସ୍ତଙ୍କ ପାଇଁ ଚା' ତିଆରି ହୋଇଥିଲା। ହେଲେ ରୋଷେଇ ଘରେ ଥିବା କୀଟନାଶକକୁ ଚା' ପତି ଭାବି ଜଣେ ମହିଳା ପକାଇ ଦେଇଥିଲେ। ଆଉ ଏହା ପିଇବା ପରେ ବିଳମ୍ବିତ ରାତିରେ ଦଶବନ୍ତି ଓ ତାଙ୍କ ଝିଅ ସୀତା କୁଅଁରଙ୍କ ମୃତ୍ୟୁ ହୋଇଥିଲା।

# ଆଜିର ଭାଗ୍ୟ

**ମେଷ** — ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟାର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

**ବୃଷ** — ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

**ମିଥୁନ** — ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ।

**କର୍କଟ** — ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

**ସିଂହ** — ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୱ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କନ୍ୟା** — ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

**ତୁଳା** — ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ୍ୟ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

**ବିଛା** — ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

**ଧନୁ** — ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

**ମକର** — କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

**କୁମ୍ଭ** — ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

**ମୀନ** — ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।

## କୃତ୍ରିମ ଜଳପ୍ରପାତ



ଚାଇନା ଅନ୍ତର୍ଗତ ୟୁନାନ ପ୍ରଦେଶର କୁନମିଂରେ ପର୍ଯ୍ୟଟକଙ୍କ ମନୋରଞ୍ଜନ ପାଇଁ ଏକ କୃତ୍ରିମ ଜଳ ପ୍ରପାତ ସୃଷ୍ଟି କରାଯାଇଛି । ଏହାର ଉଚ୍ଚତା ସାଢ଼େ ୧୨ ମିଟର । ଚଉଡା ଚାରି ଶହ ମିଟର । ନିଉଲାନ୍ ନଦୀରେ ପ୍ରବାହିତ ଜଳକୁ ୟୁନାନର ବୃହତ୍ତମ ମଧୁର ଜଳ ହ୍ରଦ ଡିଆନସି ମଧ୍ୟରେ ପ୍ରବେଶ କରାଇ ଏହି ପ୍ରପାତ ସୃଷ୍ଟି କରାଯାଇଛି । ଏହାଦ୍ୱାରା ବନ୍ୟା ବିପ୍ରାତରୁ ରକ୍ଷା ମିଳିବା ସହ ସହରର ପାନୀୟ ଜଳ ଯୋଗାଣ ବ୍ୟବସ୍ଥାରେ ଉନ୍ନତି ଆସି ପାରିବ । କୃତ୍ରିମ ଜଳ ପ୍ରପାତ ଚାରିପଟେ ଉଦ୍ୟାନ ରହିଛି । ଦୁଇ ବର୍ଷ ତଳେ ଉଭୟ ପ୍ରପାତ ଓ ଉଦ୍ୟାନ ବିକଶିତ କରାଯାଇଛି । ଉକ୍ତ ପ୍ରକଳ୍ପରେ ସତର କୋଟି ମାର୍କିନ୍ ଡଲାର ବ୍ୟୟ ହୋଇଥିବା ପ୍ରକାଶ ।




# ଆମ ଦେଶରେ ସ୍ୱାସ୍ଥ୍ୟ ଭିତିଭୂମି କେତେ ମଜଭୁତ !

ଆ।ମ ଦେଶରେ ଜନସ୍ୱାସ୍ଥ୍ୟସେବା ବ୍ୟବସ୍ଥାର ଅବସ୍ଥା ଅତି ଖରାପ ରହିଛି। ଏପରିକି ଅବସ୍ଥା ଦିନକୁ ଦିନ ଖରାପ ହୋଇ ଚାଲିଛି। ଜଣାପଡ଼ିଛି ଯେ, ୨୦୪୬ ଲୋକ ସଂଖ୍ୟାରେ ହସ୍ପିଟାଲରେ କେବଳ ଗୋଟିଏ ବେଡ୍ ମିଳିପାରୁଛି। ସେହିପରି ୯୦,୩୪୩ ଲୋକସଂଖ୍ୟାରେ ମାତ୍ର ଗୋଟିଏ ହସ୍ପିଟାଲ ଉପଲବ୍ଧ ହୋଇଥାଏ। ସେହିପରି ଦେଶର ୧୦ ଲକ୍ଷ ଡ଼ାକ୍ତରରେ ମାତ୍ର ୧୦ ଶତକଡ଼ା ସରକାରୀ ସ୍ୱାସ୍ଥ୍ୟସେବାରେ ଅଛନ୍ତି। ଆମ ହସ୍ପିଟାଲଗୁଡ଼ିକର ଅବସ୍ଥା କେତେ ଯେ ଖରାପ, ତାହା ବର୍ଣ୍ଣନା କରିବାର ଆବଶ୍ୟକତା ନାହିଁ। ବାସ୍ତବତା ହେଲା, ଆମ ସରକାରୀ ଡ଼ାକ୍ତରଖାନାରେ ମଜଭୁତ ଭିତିଭୂମି, ଉପଯୁକ୍ତ ପରିଚାଳନା, ଆବଶ୍ୟକ ଦକ୍ଷ କର୍ମଚାରୀ ଓ ସଫା ସୁତୁରାରେ ବହୁ ପଛରେ ରହିଛି।

ଆମ ଦେଶର ଲୋକସଂଖ୍ୟାର ୨୨.୪ ଶତକଡ଼ା ଏବେ ବି ଗରୀବୀ ରେଖା ତଳେ ରହିଛନ୍ତି, ଯେଉଁମାନେ ସ୍ୱାସ୍ଥ୍ୟସେବା ପାଇଁ



ସଂପୂର୍ଣ୍ଣ ଭାବରେ ସରକାରଙ୍କ ଉପରେ ନିର୍ଭରଶୀଳ। ମାତ୍ର ସେମାନେ ସରକାରୀ ହସ୍ପିଟାଲରେ ଘୋର ଅବ୍ୟବସ୍ଥା ମଧ୍ୟରେ ରହୁଛନ୍ତି। ରୋଗୀମାନଙ୍କର ଉପଯୁକ୍ତ ଚିକିତ୍ସା ଓ ସେବା ପାଇଁ କାହାର ଦୃଷ୍ଟି ପଡୁନାହିଁ।

୨୦୧୭-୧୮ରେ ଭାରତ ନିଜ ଜିଡ଼ିପିର ୧.୨୮ ଶତକଡ଼ା ଖର୍ଚ୍ଚ କରିଥିବା ବେଳେ ୨୦୧୬-୧୭ରେ ୧.୦୨ ଶତକଡ଼ା ଥିଲା। ତେବେ ଅନ୍ୟାନ୍ୟ ଦେଶ ତୁଳନାରେ ଆମେ ସ୍ୱାସ୍ଥ୍ୟସେବା ବାବଦରେ ବହୁ କମ୍ ଖର୍ଚ୍ଚ କରୁଛେ। ଆମେରିକା ତା'ର ଜିଡ଼ିପିର ୧୮ଶତକଡ଼ା ଜନସାଧାରଣଙ୍କ ସ୍ୱାସ୍ଥ୍ୟସେବା ପାଇଁ ଖର୍ଚ୍ଚ କରୁଛି, ଯାହା ବାର୍ଷିକ ମୁଣ୍ଡପିଛା ୧୦,୦୦୦ ଡ଼ଲାର ଅଟେ। ଭାରତର ସ୍ୱାସ୍ଥ୍ୟ ବାବଦରେ ଖର୍ଚ୍ଚ ବ୍ରିକ୍ସ ଦେଶ ମାନଙ୍କ ଠାରୁ ମଧ୍ୟ କମ୍ ରହିଛି। ତେବେ ଭାରତର ବର୍ତମାନ ସରକାର ପ୍ରତିଶ୍ରୁତି ଦେଇଛନ୍ତି ଯେ, ଜନସାଧାରଣଙ୍କ ସ୍ୱାସ୍ଥ୍ୟସେବା ପାଇଁ ୨୦୨୫ ମଧ୍ୟରେ ଦେଶର ଜିଡ଼ିପିର ୨.୫ ପ୍ରତିଶତ ଖର୍ଚ୍ଚ କରାଯିବ। ମାତ୍ର ଏହା ମଧ୍ୟ ଅଧିକ କିଛି ନୁହେଁ।

୨୦୧୩-୧୪ରେ କରାଯାଇଥିବା ସର୍ଭେ (ଏନ୍‌ଏସ୍‌ଏସ୍‌ଓ) ଅନୁଯାୟୀ ଭାରତରେ ୩୬ ମିଲିୟନ ପରିବାର ସବୁଠୁ ମାରାତ୍ମକ ରୋଗ ପାଇଁ ଖର୍ଚ୍ଚ କରନ୍ତି। ଏମାନଙ୍କ ମଧ୍ୟରେ ୨୫ ମିଲିୟନ ପରିବାର ଗ୍ରାମାଂଚଳର ଏବଂ ୧୧ ମିଲିୟନ ସହରାଂଚଳର। ଆମ ଆଶ୍ଚର୍ଯ୍ୟର କଥା ଯେ, ଆମ ଦେଶର ୩୯ ଶତକଡ଼ା ଗରୀବ ଲୋକଙ୍କୁ କୌଣସି ପ୍ରକାର ଡ଼ାକ୍ତରଖାନାର ସୁବିଧା ମିଳେନାହିଁ। ଏହାର ଅର୍ଥ ଆମ ଦେଶର ଏକ-ତୃତୀୟାଂଶ ଲୋକେ ସରକାରୀ ସ୍ୱାସ୍ଥ୍ୟସେବାରୁ ବଂଚିତ ରହୁଛନ୍ତି।

ଅବଶ୍ୟ ଆମ ସ୍ୱାସ୍ଥ୍ୟସେବା ବ୍ୟବସ୍ଥାକୁ ମଜଭୁତ କରାଗଲେ, ଏଭଳି ଅବସ୍ଥାକୁ ଏଡ଼ାଇ ଦିଆଯାଇପାରିବ। ତେବେ ମଜଭୁତ ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ହୋଇପାରୁ ନ ଥିବାରୁ ଲୋକମାନଙ୍କୁ ଘରୋଇ ହସ୍ପିଟାଲର ସାହାରା ନେବାକୁ ପଡୁଛି, ଯାହା ଏତେ ମହଙ୍ଗା ଯେ, ଲୋକେ ସର୍ବସ୍ୱାନ୍ତ ହୋଇଯାଉଛନ୍ତି।

ଏହି ସମସ୍ୟାର ସମାଧାନ ପାଇଁ ମୁଖ୍ୟତଃ ସରକାର ଏ ବାବଦରେ ଅଧିକ ବ୍ୟୟବରାଦ କରିବାର ଆବଶ୍ୟକତା ରହିଛି। ସରକାରୀ ସ୍ୱାସ୍ଥ୍ୟ ଭିତିଭୂମିରେ ଏଭଳି ପରିବର୍ତ୍ତନ କରାଯିବା ଉଚିତ, ଯେମିତି ସ୍ୱାସ୍ଥ୍ୟସେବା ଉଚ୍ଚ ଗୁଣମାନର ହୋଇପାରିବ। ଏଥିସହିତ ସରକାର ଘରୋଇ ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ଉପରେ ମଧ୍ୟ ଲକ୍ଷ୍ୟ ରଖିବା ଉଚିତ ଓ ମନଇଚ୍ଛା ରୋଗୀମାନଙ୍କୁ ଶୋଷଣ କରୁଥିବା ଘରୋଇ ଡାକ୍ତରଖାନାଗୁଡ଼ିକ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଉଚିତ। ଏପରିକି କେଉଁ ଚିକିତ୍ସା ପାଇଁ କେତେ ଟଙ୍କା ରୋଗୀଙ୍କୁ ଦେବାକୁ ପଡ଼ିବ, ତାହା ସରକାର ନିର୍ଦ୍ଧାରଣ କରିବା ଉଚିତ। ଅନ୍ୟଥା ସଂପୃକ୍ତ ଘରୋଇ ହସ୍ପିଟାଲ୍ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଉଚିତ। ମୁଖ୍ୟତଃ ଘରୋଇ ହସ୍ପିଟାଲ୍‌ରେ ଦିଆଯାଉଥିବା ସୁବିଧା ଓ ଚିକିତ୍ସା ପାଇଁ ନିଆଯାଉଥିବା ଫିସ୍ ତୁରନ୍ତ ନିୟନ୍ତ୍ରଣ ହେବା ଉଚିତ।

କୁହାଯାଏ, ସ୍ୱାସ୍ଥ୍ୟ ହିଁ ସମ୍ପଦ। କୌଣସି ଦେଶ ସେ ପର୍ଯ୍ୟନ୍ତ ସମୃଦ୍ଧ ଓ ସୁଖୀ ହେବନାହିଁ, ଯେପର୍ଯ୍ୟନ୍ତ ନାଗରିକମାନଙ୍କୁ ଉପଯୁକ୍ତ ସ୍ୱାସ୍ଥ୍ୟସେବା ନମିଳିବ। ବିଶ୍ୱର କେତେକ ଉନ୍ନତ ଦେଶରେ ଜନସ୍ୱାସ୍ଥ୍ୟ ସେବା ବ୍ୟବସ୍ଥା ବେଶ ଉଚ୍ଚ ମାନର। ଲଣ୍ଡନର ସାର୍ବଜନିକ ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ଅତି ଉନ୍ନତ। ସେଠାକାର ସରକାରୀ ଡ଼ାକ୍ତରଖାନା ୮୦ ଶତକଡ଼ାରୁ ଅଧିକ ଲୋକଙ୍କୁ ମାଗଣା ସ୍ୱାସ୍ଥ୍ୟସେବା ଯୋଗାଇଥାଏ। ଡ଼ାକ୍ତର, ନର୍ସ ଓ ଅନ୍ୟାନ୍ୟ ପାରାମେଡ଼ିକାଲ୍ କର୍ମଚାରୀଙ୍କ ବେତନ ସରକାର ନିର୍ଦ୍ଧାରଣ କରିଥାନ୍ତି। ଜାପାନରେ ସେଠାକାର ସରକାର ଘରୋଇ ଡ଼ାକ୍ତରଙ୍କ ସେବା ପାଇଁ ଫିସ୍ ନିର୍ଦ୍ଧାରିତ କରିଥାନ୍ତି। ଏହାଦ୍ୱାରା ସେଠାରେ ଡ଼ାକ୍ତରମାନେ ରୋଗୀଙ୍କଠାରୁ ଅଧିକ ଫିସ୍ ନେଇପାରନ୍ତି ନାହିଁ। ଆଉ ଏଥିରେ ଖିଲାଫ କରୁଥିବା ଡ଼ାକ୍ତରଙ୍କ ଠାରୁ ବହୁ ଅଧିକ ଅର୍ଥ ଆଦାୟ କରାଯାଏ। ଫ୍ରାନ୍ସରେ ସେଠାକାର ସ୍ୱାସ୍ଥ୍ୟ ବ୍ୟବସ୍ଥା ଟିକେ ଭିନ୍ନ। ସେଠାରେ ପ୍ରତି ଲୋକଙ୍କ ପାଇଁ ସ୍ୱାସ୍ଥ୍ୟ ଇନ୍ସୁରାନ୍ସ କରାଯିବା ଜରୁରୀ। ଏହି ବ୍ୟବସ୍ଥା କୌଣସି ଲାଭ ପାଇଁ ନୁହେଁ ଓ ଏଥିପାଇଁ ସରକାରୀ ଟାକ୍ସରୁ ଫଣ୍ଡ ଦିଆଯାଏ। ଏହି ଇନ୍ସୁରାନ୍ସ ୭୦ରୁ ୮୦ ଶତକଡ଼ା ପର୍ଯ୍ୟନ୍ତ ସ୍ୱାସ୍ଥ୍ୟ ପାଇଁ ହେଉଥିବା ଖର୍ଚ୍ଚକୁ ଭରଣା କରିଥାଏ ଓ ବାକି ଖର୍ଚ୍ଚ ଭଲୁଂଟାରୀ ଇନ୍ସୁରାନ୍ସ ମାଧ୍ୟମରେ ପୁରା କରାଯାଇଥାଏ। ଏଥିଯୋଗୁ ଲୋକମାନେ ଚିକିତ୍ସା ପାଇଁ ନିଜ ପକେଟରୁ ଖର୍ଚ୍ଚ କରିବାକୁ ପଡ଼େନାହିଁ। ବାସ୍ତବରେ ୯୫ ଭାଗ ଲୋକେ ଭଲୁଂଟାରୀ ଇନ୍ସୁରାନ୍ସ ମାଧ୍ୟମରେ ସ୍ୱାସ୍ଥ୍ୟ ସୁବିଧା ହାସଲ କରନ୍ତି। ସେଠାରେ ସରକାର ଔଷଧ ଓ ଅନ୍ୟ ମେଡ଼ିକାଲ ଖର୍ଚ୍ଚର ମୂଲ୍ୟ ନିର୍ଦ୍ଧାରଣ କରନ୍ତି। ଏଥିପାଇଁ ସରକାର ନିଜ ଜିଡ଼ିପିର ୧୧.୮ ପ୍ରତିଶତ ଖର୍ଚ୍ଚ କରିଥା'ନ୍ତି।



ସେହିପରି ସୁଇଜରଲାଣ୍ଡରେ ଉନ୍ନତ ସ୍ୱାସ୍ଥ୍ୟ ବ୍ୟବସ୍ଥା ଦେଖିବାକୁ ମିଳେ। ଏପରିକି ସେଠାରେ ଆମେରିକା ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ଭଳି ଲାଗେ। ସେଠାରେ ପ୍ରାଇଭେଟ କଂପାନୀ ମାନେ ଇନ୍ସୁରାନ୍ସ ଯୋଗାଇ ଦିଅନ୍ତି, ଯାହାକୁ ନେବା ସମସ୍ତଙ୍କ ପାଇଁ ଅନିବାର୍ଯ୍ୟ ଅଟେ। ତେବେ ଏହା ଲାଭ ସହ ଆଦୌ ସଂପୃକ୍ତ ନୁହେଁ। କିନ୍ତୁ କେତେକ ଜରୁରୀ ସେବା ଓ ହସ୍ପିଟାଲ ପାଇଁ କଂପାନୀମାନେ ଲାଭ ନିଅନ୍ତି।

ତେବେ ବିଭିନ୍ନ ଦେଶର ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ଦେଖାଗଲେ, ବାସ୍ତବରେ ଆଶ୍ଚର୍ଯ୍ୟ ଲାଗିବ। କାରଣ ଭାରତରେ ୧.୩ ବିଲିୟନ ଲୋକଙ୍କ ପାଇଁ ମାତ୍ର ୧୦ ଲକ୍ଷ ପଞ୍ଜିକୃତ ଡ଼ାକ୍ତର ଅଛନ୍ତି। ଆମର ଏଠାରେ ୧୦,୧୮୯ ଲୋକସଂଖ୍ୟାରେ ଜଣେ ମାତ୍ର ସରକାରୀ ଏଲୋପାଥିକ ଡ଼ାକ୍ତର ଅଛନ୍ତି, ଆଉ ଯଦିଓ ମେଡ଼ିକାଲ୍ କାଉନସିଲ୍ ଅଫ ଇଣ୍ଡିଆର କଥାକୁ ସତ୍ୟ ଧରାଯାଏ, ତେବେ ଭାରତରେ ଅଧାରୁ ଅଧିକ ଡ଼ାକ୍ତର ପଞ୍ଜିକୃତ ନୁହନ୍ତି ଓ ଏଲୋପାଥିରେ ସେମାନଙ୍କ ପାଖରେ କୌଣସି ଡ଼ିଗ୍ରୀ ନାହିଁ। ଅବଶ୍ୟ ବଡ଼ ସହରମାନଙ୍କରେ ଅବସ୍ଥା ଭଲ ଅଛି। ପ୍ରାୟତଃ ସହରଗୁଡ଼ିକରେ ୫୮ ଶତକଡ଼ା ପ୍ରଶିକ୍ଷିତ ଡ଼ାକ୍ତର ଥିବାବେଳେ ଗ୍ରାମାଂଚଳରେ ମାତ୍ର ୧୮ ଶତକଡ଼ା ପ୍ରଶିକ୍ଷିତ ଡାକ୍ତର ପଞ୍ଜିକୃତ ଅଟନ୍ତି। ତେବେ ଭାରତ ସ୍ୱାସ୍ଥ୍ୟସେବା ପାଇଁ ନିଜ ଜିଡ଼ିପିର ୧.୨ ଶତକଡ଼ା ଖର୍ଚ୍ଚ କରୁଛି, ଯାହା ମ୍ୟାଂମାର, ପାକିସ୍ତାନ ଓ କମ୍ବୋଡ଼ିଆଠାରୁ ସାମାନ୍ୟ ଅଧିକ।

ଆମ ଦେଶରେ ସ୍ୱାସ୍ଥ୍ୟ ଭିତିଭୂମି ସଂପର୍କରେ ଆଲୋଚନା କରାଗଲେ ଅତି ଦୁଃଖ ଲାଗିବ। ସାରା ଦେଶରେ ସ୍ୱାସ୍ଥ୍ୟ ଭିତିଭୂମିର ଘୋର ଅଭାବ ରହିଥିବା ଜଳଜଳ ଦେଖାଯାଉଛି। ଭିତିଭୂମିର ଅର୍ଥ ଆବଶ୍ୟକୀୟ ଚିକିତ୍ସା ଉପକରଣ, ଆଇସିୟୁ ଭଳି ଅତ୍ୟାଧୁନିକ ଯନ୍ତ୍ରପାତି, ରୋଗୀ ସଂଖ୍ୟାନୁଯାୟୀ ଶଯ୍ୟା, ଲାବୋରେଟୋରୀ, ଔଷଧପତ୍ର, ଡ଼ାକ୍ତରଖାନା ଗୃହ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମେତ ଉପଜିଲ୍ଲା ଓ ଜିଲ୍ଲା ହସ୍ପିଟାଲ୍ ମାନଙ୍କରେ ବ୍ଲଡ୍ ବ୍ୟାଙ୍କ୍ ପ୍ରତିଷ୍ଠା, ଜୀବନରକ୍ଷାକାରୀ ଅକ୍ସିଜେନ୍‌ର ବ୍ୟବସ୍ଥା, ଆବଶ୍ୟକତା ଅନୁଯାୟୀ ଡ଼ାକ୍ତର, ନର୍ସ ଓ ଅନ୍ୟାନ୍ୟ ପାରାମେଡ଼ିକ୍ କର୍ମଚାରୀ ଆଦିଙ୍କୁ ବୁଝାଏ। ମାତ୍ର ଉପରୋକ୍ତ ଭିତିଭୂମିର ବିକାଶ ପାଇଁ ଆମ ସ୍ୱାସ୍ଥ୍ୟ ପ୍ରଶାସନ ବିଶେଷ ଦୃଷ୍ଟି ଦେଉନାହିଁ। ସାରା ଦେଶରେ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରୀୟ ଅନେକ ଯୋଜନା କାର୍ଯ୍ୟକାରୀ ହେଉଛି। ସ୍ୱାସ୍ଥ୍ୟସେବାର ଉନ୍ନତି ପାଇଁ ଶହଶହ କୋଟି ଟଙ୍କା ପାଣି ଭଳି ଖର୍ଚ୍ଚ ହେଉଛି।

# ଆଜାଦୀ ଠେଙ୍ଗାବାହିନୀର ରଥଯାତ୍ରାରେ ସେବାକାର୍ଯ୍ୟ

ବ୍ୟାସନଗର (ପିଏନ୍): ଆଜାଦୀ ଠେଙ୍ଗାବାହିନୀ-ଇଣ୍ଡିଆନ୍ କମ୍ୟୁନିଟି ପୋଲିସ୍ ଦୀର୍ଘ ୩୧ ବର୍ଷ ଧରି ପୁରୀଠାରେ ପବିତ୍ର ରଥଯାତ୍ରାରେ ବିଭିନ୍ନ ପ୍ରକାର ସେବା କାର୍ଯ୍ୟ ଯଥା-ଟ୍ରାଫିକ୍ ନିୟନ୍ତ୍ରଣ, ଜଳଦାନ, ଶୃଙ୍ଖଳା ଖାଦ୍ୟପଦାର୍ଥ ବଂଟନ, ରନ୍ଧାଖାଦ୍ୟ ବଂଟନ ସହ ବିଭିନ୍ନ ସେବା ଯୋଗାଇଆସୁଅଛି। କରୋନା ମହାମାରୀରେ ଦୁଇବର୍ଷ ସୁଯୋଗ ମିଳିପାରି ନଥିଲେ ବି ଏବର୍ଷ ୧୫ ଦିନିଆ ସେବା ପାଇଁ ପୁରୀ ଜିଲ୍ଲା ପ୍ରଶାସନ ଅନୁମତି ଦେଇଛନ୍ତି। ଜୁନ୍ ୨୯ ତାରିଖଠାରୁ ଜୁଲାଇ ୧୩ ତାରିଖ ପର୍ଯ୍ୟନ୍ତ ପୁରୀଠାରେ ୪୦୦ ଜଣ ପୁରୁଷ ଓ ୨୫୦ ଜଣ ମହିଳା ରାଜ୍ୟର ବିଭିନ୍ନ ସ୍ଥାନରୁ ଆସି ନିଃଶୁଳ୍କ ଭାବେ ଯୋଗଦେଇ ସେବା ଯୋଗାଇଦେବା ପାଇଁ ପଞ୍ଜିକୃତ ହୋଇଛନ୍ତି। ପବିତ୍ର ରଥାଯାତ୍ରା, ନବଯୌବନ ଦର୍ଶନ, ବହୁଡା ଯାତ୍ରା, ସୁନାବେଶ, ଅଧରପଣା, ନିଳାଦ୍ରୀ ବିଜେ ପ୍ରଭୃତିରେ ଶୃଙ୍ଖଳାର ସହ ସେବା ଯୋଗାଇଦେବେ। ଆଜାଦୀ ଠେଙ୍ଗାବାହିନୀର ମୁଖ୍ୟ ପ୍ରତିଷ୍ଠାତା କୃଷକ ଲକ୍ଷ୍ମଣ ଦାସ, ମାର୍ଗଦର୍ଶକ ପଦ୍ମଶ୍ରୀ ବାବା ବଳିଆ, ମେଜର ଜେନେରାଲ ଶ୍ରମିକନେତା ମାୟାଧର ନାୟକ, ଅଲ୍ ଇଣ୍ଡିଆ ଚିଫ୍ କମାଣ୍ଡର ଡ. ଚିତରଞ୍ଜନ ମହାନ୍ତି, ଅଲ୍ ଇଣ୍ଡିଆ ଚିଫ୍ ଅର୍ଗାନାଇଜିଙ୍ଗ୍ କମାଣ୍ଡର ଲଳାଟେନ୍ଦୁ ମିଶ୍ର, ଅଲ୍ ଇଣ୍ଡିଆ ଚିଫ୍ ଲେଡି କମାଣ୍ଡର ରେବତୀ ନାୟକ, ପ୍ରତିଷ୍ଠାତା ସଭ୍ୟ-ଚିଫ୍ ଅର୍ଗାନାଇଜର ଡ. ମଞ୍ଜୁର ଅଲ୍ଲୀ, ମିଡିଆ କମାଣ୍ଡର ମନୋଜ କୁମାର ଶତପଥି, ଫୁଡ୍ ଏକ୍ସପର୍ଟ ଚିଫ୍ କମାଣ୍ଡର ଦିଲ୍ଲୀପ ପଣ୍ଡା, ଇଷ୍ଟ ଏରିଆ କମାଣ୍ଡର ଉର୍ବଶୀ ଦାସ, ୱେଷ୍ଟ୍ ଏରିଆ କମାଣ୍ଡର ମନୋଜ କୁମାର ମହାନ୍ତି, ନର୍ଥ୍ ଏରିଆ କମାଣ୍ଡର ଭୁବନମୋହନ ମହାନ୍ତି, ସାଉଥ୍ ଏରିଆ କମାଣ୍ଡର କୁଶ କୁମାର ବେହେରା, ସେଂଟ୍ରାଲ୍ ଜୋନ୍ କମାଣ୍ଡର ରମାକାନ୍ତ ମହାରଣା ପ୍ରମୁଖ ପୁରୀଠାରେ ଯୋଗଦେଇ କାର୍ଯ୍ୟ ସମାପନରେ ସହଯୋଗ କରିବେ ବୋଲି ଶ୍ରମିକନେତା ମାୟାଧର ନାୟକ ସୂଚନା ଦେଇଛନ୍ତି।

# ଗୁଣାତ୍ମକ ସାର୍ବଜନୀନ ଶିକ୍ଷା ସବୁ ବର୍ଗର ପିଲାଙ୍କୁ ଯୋଗାଇଦେବାକୁ ଅବସରପ୍ରାପ୍ତ ଶିକ୍ଷକ ମହାସଂଘର ଆହ୍ୱାନ



ଭୁବନେଶ୍ୱର (ପିଏନ୍): ଅଖିଳ ଭାରତ ଅବସରପ୍ରାପ୍ତ ବିଶ୍ୱବିଦ୍ୟାଳୟ ଓ କଲେଜ ଶିକ୍ଷକ ମହାସଂଘର ଜାତୀୟ ସାମ୍ବିଧାନିକ ସମ୍ମିଳନୀ ଉତ୍ତର ପ୍ରଦେଶର ଲକ୍ଷ୍ନୌଠାରେ ନିକଟରେ ଅନୁଷ୍ଠିତ ହୋଇଯାଇଛି। ସମ୍ମିଳନୀକୁ ପ୍ରାକ୍ତନ ରାଜ୍ୟସଭା ସଦସ୍ୟ ପ୍ରଫେସର ଟି. ମାନିଆ ଉଦ୍‌ଘାଟନ କରିଥିଲେ ଏବଂ ସମ୍ମାନିତ ଅତିଥି ଭାବରେ ପ୍ରଫେସର ଅଶୋକ ବର୍ମନ, ପ୍ରଫେସର ଅରୁଣ କୁମାର ଏବଂ ପ୍ରଫେସର୍ ଏସ୍. ଏସ୍. ଚୌହାନ ଯୋଗ ଦେଇଥିଲେ। ସମ୍ମିଳନୀରେ ଜାତୀୟ ଶିକ୍ଷାନୀତି ଉପରେ ଆଲୋଚନା କରାଯାଇଥିଲା। ଶିକ୍ଷାରେ ଅଧିକ ଅର୍ଥ ବିନିଯୋଗ କରିବା ପାଇଁ କେନ୍ଦ୍ର ତଥା ରାଜ୍ୟ ସରକାରମାନେ ପଦକ୍ଷେପ ନେବାକୁ ସମ୍ମିଳନୀରେ ମତ ପ୍ରକାଶ ପାଇଥିଲା। ଗୁଣାତ୍ମକ ସାର୍ବଜନୀନ ଶିକ୍ଷା ସବୁ ବର୍ଗର ପିଲାଙ୍କୁ ସହଜରେ ମିଳିବା ଉପରେ ଗୁରୁତ୍ୱ ଆରୋପ କରାଯାଇଥିଲା। ୮୦ ବର୍ଷରୁ ଊର୍ଦ୍ଧ୍ୱ ବର୍ଷିଆନ୍ ଶିକ୍ଷାବିତ୍‌ମାନଙ୍କୁ ସମ୍ମିଳନୀରେ ମାନପତ୍ର, ଉପଢୌକନ ତଥା ପୁଷ୍ପମାଲ୍ୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଭାରତର ବିଭିନ୍ନ ରାଜ୍ୟର (ମଣିପୁରଠାରୁ କନ୍ୟାକୁମାରୀ) ଅଧ୍ୟାପକ ପ୍ରତିନିଧିମାନେ ସମ୍ମିଳନୀରେ ଯୋଗ ଦେଇଥିଲେ। ଓଡ଼ିଶାରୁ ପ୍ରଫେସର ବାଲ୍ମିକୀ ପଟ୍ଟନାୟକଙ୍କ ନେତୃତ୍ୱରେ ଅବସରପ୍ରାପ୍ତ ଅଧ୍ୟାପକମାନଙ୍କର ଏକ ପ୍ରତିନିଧି ମଣ୍ଡଳୀ ଉକ୍ତ ସମ୍ମିଳନୀରେ ଯୋଗଦାନ କରିଥିଲେ। ପ୍ରତିନିଧି ଅଧିବେଶନରେ ନୂତନ କର୍ମକର୍ତ୍ତା ନିର୍ବାଚିତ ହୋଇଥିଲେ। ସଭାପତି ଭାବରେ ପ୍ରଫେସର ସୁଧାକର ମାନକର (ମହାରାଷ୍ଟ୍ର), ସାଧାରଣ ସମ୍ପାଦକ ଭାବରେ ପ୍ରଫେସର ଜିତେନ୍ଦ୍ର ନାଥ ଶୁକ୍ଲା (ଉତ୍ତର ପ୍ରଦେଶ), କୋଷାଧକ୍ଷ ଭାବରେ ପ୍ରଫେସର ସଦାନନ୍ଦ ଭଟ୍ଟାଚାର୍ଯ୍ୟ (ପଶ୍ଚିମ ବଙ୍ଗ) ଏବଂ ଅନ୍ୟ କର୍ମକର୍ତ୍ତା ମଧ ନିର୍ବାଚିତ ହୋଇଥିଲେ। ଜାତୀୟ ଉପସଭାପତି ଭାବରେ ଓଡ଼ିଶାରୁ ପ୍ରଫେସର ଡଃ ନିରଞ୍ଜନ ପାଢ଼ୀ ଏବଂ ଜାତୀୟ ସମ୍ପାଦକ ଭାବରେ ଡଃ ଗୋପାଳକୃଷ୍ଣ ନନ୍ଦ ନିର୍ବାଚିତ ହୋଇଥିଲେ। କେନ୍ଦ୍ର ତଥା ରାଜ୍ୟ ସରକାରମାନେ କୋଭିଡ୍ ସମୟରେ ଲୋକଙ୍କର ସ୍ୱାସ୍ଥ୍ୟ ଦାୟିତ୍ୱ ନେଇଥିବାରୁ ସମ୍ମିଳନୀରେ ସରକାରଙ୍କୁ ପ୍ରଶଂସା କରାଯାଇଥିଲା।

## ବିଜେପି ତରଫରୁ ଅନୁସୂଚିତ ଜନଜାତି ସମାବେଶ ଅନୁଷ୍ଠିତ

ଆନନ୍ଦପୁର (ପିଏନ୍): ଭାରତବର୍ଷର ଯଶସ୍ୱୀ ଲୋକପ୍ରିୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀଙ୍କ ଦ୍ୱିତୀୟ ପାଳିର ତୃତୀୟ ବର୍ଷ ଶାସନର ସେବା, ସୁଶାସନ ଓ ଗରିବ କଲ୍ୟାଣ ଜନସମ୍ପର୍କ ଯାତରା ମେ ୩୧ ତାରିଖ ଠାରୁ ଜୁନ୍ ୧୫ ପର୍ଯ୍ୟନ୍ତ ଦୀର୍ଘ ୧୫ ଦିନ କାର୍ଯ୍ୟକ୍ରମ ଅବସରରେ ଆନନ୍ଦପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କଣ୍ଟିପାଳ ପଂଚାୟତ ବାରୁଆଁ ଗ୍ରାମଠାରେ ବିଜେପି ତରଫରୁ ଅନୁସୂଚିତ ଜନଜାତି ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏହି ସମାବେଶରେ ବିଜେପି ନଦୀ ସୁରକ୍ଷା ସମିତି (ନମାମି ଗଙ୍ଗେ)ର ରାଜ୍ୟ ସଂଯୋଜକ ମହେଶ୍ୱର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଦେଶର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୮ ବର୍ଷ ଶାସନ କାଳରେ ଆଦିବାସୀମାନଙ୍କର ଅର୍ଥନୈତିକ ଭିତ୍ତିଭୂମିର ବିକାଶ ସହିତ ଶିକ୍ଷା, ସ୍ୱାସ୍ଥ୍ୟ, ସାମାଜିକ କ୍ଷେତ୍ରରେ ବ୍ୟାପକ ବିକାଶ କରାଯାଇଥିବା ତାଙ୍କ ଭାଷଣରେ କହିଥିଲେ। ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତଥା ଆନନ୍ଦପୁର ବିଧାୟକ ପ୍ରାର୍ଥୀ ଆଲୋକ କୁମାର ସେଠୀ ତାଙ୍କ ଭାଷଣରେ ମୋଦୀଙ୍କର ଶାସନ କାଳରେ ଅନସୂଚୀତ ଜାତିର ଲୋକମାନଙ୍କର ଅଭୂତପୂର୍ବ ବିକାଶ ହୋଇଥିବା କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆନନ୍ଦପୁର ମ୍ୟୁନିସିପାଲିଟିର ପୂର୍ବତନ ନଗରପାଳ ରାମଚନ୍ଦ୍ର ସାହୁ, ବିଜେପି ଜିଲ୍ଲା ଉପସଭାପତି ନିରାକାର ଦଳେଇ, ଶାଳବଣି ମଣ୍ଡଳ ସଭାପତି ଟୁକୁନା ମହାନ୍ତ, ପ୍ରଶାନ୍ତ କୁମାର ମହାପାତ୍ର, ସୁକାନ୍ତ ଯେନା, ପ୍ରହଲ୍ଲାଦ ନାୟକ, କାଳନ୍ଦି ଚରଣ ସାହୁ, ମଣି ପ୍ରଧାନ, ସନ୍ୟାସୀ ପାତ୍ର, ବିଶ୍ୱନାଥ ନାୟକ, ପ୍ରାଣବନ୍ଧୁ ସାହୁ ପ୍ରମୁଖ ନେତୃବୃନ୍ଦଙ୍କ ସମେତ ଆଦିବାସୀ ପୁରୁଷ ଓ ମହିଳା ଉପସ୍ଥିତ ଥିଲେ।

## କଂଗ୍ରେସ ଦଳର ପୂର୍ବତନ ବିଧାୟକ ଡଃ ଦିଲ୍ଲୀପ ଶ୍ରୀଚନ୍ଦନଙ୍କ ଭାରତର ଭାବି ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କୁ ଦଳମତ ନିର୍ବିଶେଷରେ ଭୋଟ ଦେବା ପାଇଁ ନିବେଦନ

ଭୁବନେଶ୍ୱର (ପିଏନ୍): କଂଗ୍ରେସ ଦଳର ପୂର୍ବତନ ବିଧାୟକ ଡଃ ଦିଲ୍ଲୀପ ଶ୍ରୀଚନ୍ଦନ ଭାରତର ଭାବି ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କୁ ଦଳମତ ନିର୍ବିଶେଷରେ ଭୋଟଦାନ କରିବା ପାଇଁ ଏକ ପ୍ରେସ୍ ବିବୃତ୍ତିରେ ନିବେଦନ କରିଛନ୍ତି। ସେ କହିଛନ୍ତି ଯେ, ନାରୀଶକ୍ତିର ସଶକ୍ତିକରଣ ତଥା ଓଡ଼ିଶାର ସ୍ୱାଭିମାନର ପ୍ରତୀକ ଭାବରେ ଦ୍ରୌପଦୀ ମୁର୍ମୁ ରାଷ୍ଟ୍ରପତି ପଦ ପାଇଁ ପ୍ରାର୍ଥୀ ହୋଇଛନ୍ତି। ଏହା ସାଢେ ଚାରିକୋଟି ଓଡ଼ିଶାବାସୀଙ୍କ ପାଇଁ ଗର୍ବ ଓ ଗୌରବର ବିଷୟ। ଦ୍ୱିତୀୟତଃ ଏଯାବତ୍ ଓଡ଼ିଶାରୁ କୌଣସି ମହିଳା ରାଷ୍ଟ୍ରପତି ଭାବେ ନିର୍ବାଚିତ ହୋଇ ନ ଥିଲେ। ସେହିପରି ଶ୍ରୀମତୀ ମୁର୍ମୁ କେବଳ ମହିଳା ନୁହଁନ୍ତି, ଆଦିବାସୀ ସମ୍ପ୍ରଦାୟର ପ୍ରତିନିଧିତ୍ୱ କରୁଛନ୍ତି। ନିଜର ରାଜନୈତିକ ଜୀବନ ଜଣେ କାଉନସିଲରରୁ ଆରମ୍ଭ କରିଥିବା ଶ୍ରୀମତୀ ମୁର୍ମୁ ପରବର୍ତ୍ତୀ ପର୍ଯ୍ୟାୟରେ ରାଜ୍ୟ ମନ୍ତ୍ରୀ ଭାବେ ଦକ୍ଷତାର ସହିତ କାର୍ଯ୍ୟ କରିଛନ୍ତି ଏବଂ ଝାଡ଼ଖଣ୍ଡର ମହାମାନ୍ୟ ରାଜ୍ୟପାଳ ଭାବେ ନିଜର କାର୍ଯ୍ୟକ୍ରମର ଦକ୍ଷତା ଓ ନିରପେକ୍ଷତା ପ୍ରତିପାଦନ କରିଛନ୍ତି। କୌଣସି ପ୍ରତିପତ୍ତିଶାଳୀ ପରିବାରରୁ ନ ଆସିଥିଲେ ମଧ ଶ୍ରୀମତୀ ମୁର୍ମୁ ନିଜର କର୍ମଦକ୍ଷତା ବଳରେ ଆଜି ଭାରତର ରାଷ୍ଟ୍ରପତି ପଦ ଅଳଙ୍କୃତ କରିବାକୁ ଯାଉଛନ୍ତି। ଏପରିସ୍ଥଳେ ପାର୍ଟି ବଡ଼ ନୁହେଁ, ମାଟି ବଡ଼, ମା', ଭଉଣୀ ତଥା ନାରୀଶକ୍ତି ଓ ଆଦିବାସୀ ଜନଜାତି ସମ୍ପ୍ରଦାୟ ପ୍ରତି ସମ୍ମାନ ପ୍ରଦର୍ଶନ ପୂର୍ବକ ଦଳମତ ନିର୍ବିଶେଷରେ ପ୍ରତ୍ୟେକ ଦଳର ସାଂସଦ ଓ ବିଧାୟକମାନେ ଶ୍ରୀମତୀ ମୁର୍ମୁଙ୍କୁ ଓଡ଼ିଶାପ୍ରୀତିର ପରିଚୟ ପ୍ରଦାନ ପୂର୍ବକ ଭୋଟଦାନ କରିବାକୁ ଡଃ ଶ୍ରୀଚନ୍ଦନ ଏକ ପ୍ରେସ୍ ଇସ୍ତାହାରରେ ନିବେଦନ କରିଛନ୍ତି।

## ଓଡ଼ିଆ ଝିଅ ରାଷ୍ଟ୍ରପତି ହେବା ଆମ ପାଇଁ ସୌଭାଗ୍ୟ : ଓଡ଼ିଶା ଲୋକ ସଂଗଠନ

ଭୁବନେଶ୍ୱର (ପିଏନ୍): ଓଡ଼ିଶାର ଆଦିବାସୀ ଅଧ୍ୟୁଷିତ ଅଂଚଳର ବାସିନ୍ଦା ଜଣେ ଓଡ଼ିଆ ଆଦିବାସୀ ଝିଅ ଦେଶ ସମ୍ବିଧାନର ସର୍ବୋଚ୍ଚ ପଦବୀରେ ଅଳଙ୍କୃତ ହୋଇ ରାଷ୍ଟ୍ରପତି ହେବାକୁ ଯାଉଛନ୍ତି, ସେତେବେଳେ କଂଗ୍ରେସ ଦଳର ଲୋକପ୍ରିୟ ବିଧାୟକ ସୁରେଶ କୁମାର ରାଉତରାୟ ବ୍ୟକ୍ତିଗତ ଭାବେ ସ୍ୱାଗତ କରିଛନ୍ତି। ଅଥଚ ଦଳର କୁଚକ୍ରୀ ଜଣେ ବ୍ୟକ୍ତି ନିଜକୁ ପରିବେଶବିତ୍ ଓ ପରିବେଶର ଆର୍ମି ମେଜର କହିବୁଲୁଥିବା ବ୍ୟକ୍ତି ତାଙ୍କ ବିରୋଧରେ ପ୍ରଚାର କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ରାଷ୍ଟ୍ରପତି ପ୍ରାର୍ଥୀ ଦୌପଦୀ ମୁର୍ମୁଙ୍କ ସମ୍ପର୍କରେ କିଛି ନେତାଙ୍କ ଘରକୁ ଘର ବୁଲି ଅପପ୍ରଚାର କରିବା ଉକ୍ତ ବ୍ୟକ୍ତି ପୂର୍ବରୁ ବିଜେପିରେ ସାମିଲ ହୋଇଥିଲେ। ନିଜ ସ୍ୱାର୍ଥ ସାଧନ ନହେବାରୁ ଦଳରୁ ବାହାରିଯାଇ ଗ୍ରୀନ ପରିବେଶ ନାମରେ ନାୟିକାମାନଙ୍କୁ ଡାକି କେବଳ ପ୍ରଚାର କରୁଛନ୍ତି। ତେବେ ରାଷ୍ଟ୍ରପତି ପ୍ରାର୍ଥୀଭାବେ ଓଡ଼ିଶାର ଝିଅ ଦ୍ରୌପଦୀ ମୁର୍ମୁଙ୍କୁ ଚୟନ କରାଯାଇଛି। ଅମୃତ ମହୋତ୍ସବ ସମୟରେ ଦ୍ରୌପଦୀ ମୁର୍ମୁ ରାଷ୍ଟ୍ରପତି ହେବାର ସୁଯୋଗ ଉପହାର ସ୍ୱରୁପ ଓଡ଼ିଶାକୁ ମିଳିଛି। ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦରୁ ଓଡ଼ିଶାର ଆଦିବାସୀ ଝିଅକୁ ରାଷ୍ଟ୍ରପତି ହେବାର ସୁଯୋଗ ମିଳିଛି ଏବଂ ଏହା ଆମ ସମସ୍ତଙ୍କୁ ଖୁସି ପ୍ରଦାନ କରିଥିବାବେଳେ ତାଙ୍କୁ ଓଡ଼ିଶା ଲୋକ ସଂଗଠନ ପକ୍ଷରୁ ଶୁଭେଚ୍ଛା ଜଣାଯାଇଛି ବୋଲି ସଂଗଠନର ସଭାପତି ହରେକୃଷ୍ଣ ମହାନ୍ତି କହିଛନ୍ତି।

## ଗୋପବନ୍ଧୁ ଥିଲେ ସେବା ଓ ଆଦର୍ଶର ପ୍ରତୀକ



ଭୁବନେଶ୍ୱର (ପିଏନ୍): ଉତ୍କଳ ସମ୍ମିଳନୀର ପୂର୍ବତନ ସଭାପତି ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଶ୍ରାଦ୍ଧ ଦିବସ ଉପଲକ୍ଷେ ଉତ୍କଳ ସମ୍ମିଳନୀ ପକ୍ଷରୁ ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ଶ୍ରଦ୍ଧାଂଜଳି ଜ୍ଞାପନ କରାଯାଇଛି। ମାଲ୍ୟାର୍ପଣ କାର୍ଯ୍ୟକ୍ରମରେ ଉତ୍କଳ ସମ୍ମିଳନୀ ମଞ୍ଚେଶ୍ୱର ଶିଳ୍ପାଞ୍ଚଳ ଶାଖା ସଭାପତି ଅଧିବକ୍ତା ଦିଲ୍ଲୀପ ଦାଶଶର୍ମା ସଭାପତିତ୍ୱ କରିଥିବା ବେଳେ ପୂର୍ବତନ ସାଂସଦ ତଥାଗତ ଶତପଥୀ ଓ ବିଧାୟକ ଅନନ୍ତ ନାରାୟଣ ଜେନା ଅତିଥି ଭାବେ ଯୋଗ ଦେଇଥିଲେ। ପରେ ପରେ ଉତ୍କଳ ସମ୍ମିଳନୀ କେନ୍ଦ୍ରୀୟ କାର୍ଯ୍ୟାଳୟରେ ଅନୁଷ୍ଠିତ ଶ୍ରଦ୍ଧାଂଜଳି ସଭାରେ ପଣ୍ଡିତ ଗୋପବନ୍ଧୁ ଦାସଙ୍କୁ ସେବା ଓ ଆଦର୍ଶର ମୂର୍ତ୍ତିମନ୍ତ ପ୍ରତୀକ ବୋଲି ବକ୍ତାମାନେ କହିଥିଲେ। ଉତ୍କଳ ସମ୍ମିଳନୀର ଉପ-ସଭାପତି ଡ. ସୁରେନ୍ଦ୍ର ମୋହନ ମିଶ୍ର ଓ ବିଚିତ୍ରାନନ୍ଦ ସାହୁ, ଶାଖା ଉପ-ସଭାପତି ଶିତଳ ଚନ୍ଦ୍ର ମହାନ୍ତି ଓ ସୁବ୍ରତ ମହାପାତ୍ର, ସମ୍ପାଦକ ଗୋବିନ୍ଦ ସୁବୁଦ୍ଧି, ସମ୍ପାଦିକା ବାସନ୍ତୀ ତ୍ରିପାଠୀ, ଯୁଗ୍ମ-ସଂପାଦକ ସିଧାର୍ଥ ଶଙ୍କର ଗଡନାୟକ, ବରିଷ୍ଠ ସଦସ୍ୟ ମହେଶ୍ୱର ବିଶ୍ୱାଳ, ପ୍ରସନ୍ନ ରଥ, ଅକ୍ଷୟ କୁମାର ଜେଠୀ, ସମରଂଜନ ମହାନ୍ତି, ଦିପ୍ତିମୟୀ ନାୟକ, ଶରତ ଚନ୍ଦ୍ର ସାହୁ ଓ ରାମଚନ୍ଦ୍ର ସାମଲ ପ୍ରମୁଖ ଉପସ୍ଥିତ ରହି ବରପୁତ୍ରଙ୍କୁ ଶ୍ରଦ୍ଧାଂଜଳି ଜଣାଇଥିଲେ।

## ନିରଂଜନ ନାୟକ ପ୍ରଦେଶ ଯୁବ କଂଗ୍ରେସ ଉପସଭାପତି ନିଯୁକ୍ତ

ଭୁବନେଶ୍ୱର (ପିଏନ୍)- ଅଖିଳ ଭାରତ କଂଗ୍ରେସ କମିଟି ସଂପାଦକ ଏମଡି ରିଆଜୁଲ ଅନସାରୀ ଶ୍ରୀ ନିରଂଜନ ନାୟକଙ୍କୁ ପ୍ରଦେଶ ଯୁବ କଂଗ୍ରେସ ଉପସଭାପତି ଭାବେ ନିଯୁକ୍ତି ଦେଇଛନ୍ତି। ଭାରତୀୟ ଜାତୀୟ କଂଗ୍ରେସର ନୀତି ଓ ଆଦର୍ଶକୁ ପାର୍ଥେୟ କରି ଓଡ଼ିଶାରେ ଯୁବ କଂଗ୍ରେସକୁ ଅଧିକରୁ ଅଧିକ ସୁଦୃଢ଼ ଓ କ୍ରିୟାଶୀଳ କରିବା ପାଇଁ ଚେଷ୍ଟା କରିବେ ବୋଲି ଶ୍ରୀ ନାୟକ କହିଛନ୍ତି। ଓଡ଼ିଶା ପ୍ରଦେଶ କଂଗ୍ରେସ ସଭାପତି ଶ୍ରୀ ଶରତ ପଟ୍ଟନାୟକ, ଅଖିଳ ଭାରତ ଯୁବ କଂଗ୍ରେସ ସଭାପତି ଶ୍ରୀ ବି.ଭି. ଶ୍ରୀନିବାସ, କ୍ରିଷ୍ଟୋ ଆଲୁଭେରା, ରିଆଜ ଆନସରୀ, ଲୋକନାଥ ମହାରଥି, ସ୍ମୃତିରଂଜନ ଲେଙ୍କାଙ୍କୁ ଏହି ଅବସରରେ ଶ୍ରୀ ନାୟକ ଧନ୍ୟବାଦ ଜଣାଇଥିଲେ।

## ଆନନ୍ଦପୁର ଲକ୍ଷ୍ମୀ ବଜାରର ବିଶିଷ୍ଟ ବ୍ୟବସାୟୀ ତଥା ଧର୍ମପରାୟଣ ସମାଜସେବୀ ରାମଚନ୍ଦ୍ର ମୁଦୁଲିଙ୍କ ପରଲୋକ

ଆନନ୍ଦପୁର (ପିଏନ୍): ଆନନ୍ଦପୁର ଲକ୍ଷ୍ମୀ ବଜାରର ବିଶିଷ୍ଟ ବ୍ୟବସାୟୀ ତଥା ଧର୍ମପରାୟଣ ସମାଜସେବୀ ରାମଚନ୍ଦ୍ର ମୁଦୁଲି (୮୫)ଙ୍କର ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ସେ ଜଣେ ପରୋପକାରୀ ବ୍ୟକ୍ତି ଥିବାବେଳେ ସମାଜ କଲ୍ୟାଣ ଓ ଆଧ୍ୟାତ୍ମିକ କାର୍ଯ୍ୟରେ ନିଜକୁ ସମର୍ପିତ କରିଥିଲେ। ସ୍ୱର୍ଗତଃ ମୁଦୁଲି ଆନନ୍ଦପୁର ବଣିକ ସଂଘର ସଭାପତି, ଆନନ୍ଦପୁର ଦଧିବାମନ ଜୀଉ, ସାର୍ବଜନୀନ ଦୁର୍ଗାପୂଜା କମିଟି, ଆନନ୍ଦପୁରର ଗ୍ରାମଦେବୀ ବ୍ରାହ୍ମଣୀ ଦେବୀ ମନ୍ଦିରର ଉନ୍ନତି ପାଇଁ ନିଜକୁ ସମର୍ପିତ କରିଥିଲେ। ତାଙ୍କର ମୃତ୍ୟୁ ଖବର ପାଇ ଆନନ୍ଦପୁରର ଲକ୍ଷ୍ମୀ ବଜାର, କଚେରୀ ସମ୍ପୂର୍ଣ୍ଣ ବନ୍ଦ ରହିଥିଲା। ମୃତ୍ୟୁଶଯ୍ୟା ନିକଟରେ ତିନି ପୁଅ ବଡ ସଂଜୟ ମୁଦୁଲି, ମଝିଆଁ ପୁଅ ସନ୍ତୋଷ ମୁଦୁଲି, ସାନପୁଅ ପ୍ରଦୀପ ମୁଦୁଲି, ଦୁଇଝିଅ ବୀଣାପାଣି ଏବଂ କିରଣ ମୁଦୁଲି, ତିନିବୋହୂଙ୍କ ସହ ନାତିନାତୁଣୀ ଏବଂ ନିଜର ଧର୍ମପତ୍ନୀ ଉପସ୍ଥିତ ଥିଲେ। ପୂଣ୍ୟତୋୟା ବୈତରଣୀ ନଦୀରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିବା ବେଳେ ବଡପୁଅ ସଂଜୟ ମୁଦୁଲି ମୁଖାଗ୍ନି ଦେଇଥିଲେ। ଅନ୍ତିମ ସଂସ୍କାରରେ ଆନନ୍ଦପୁର ଅଂଚଳର ବହୁ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇଥିଲେ। ସ୍ୱର୍ଗତଃ ମୁଦୁଲିଙ୍କ ପରଲୋକରେ ଆନନ୍ଦପୁର ଅଂଚଳରେ ଶୋକର ଛାୟା ଖେଳି ଯାଇଛି।

## କେନ୍ଦୁଝରଠାରେ ଯୁଗ୍ମ ଅଭିଯୋଗ ଶୁଣାଣୀ ଅନୁଷ୍ଠିତ

କେନ୍ଦୁଝର (ପିଏନ୍): ଚଳିତ ଜୁନ ୦୬ ତାରିଖ ସୋମବାର ଦିନ ଜିଲ୍ଲାପାଳ ଆଶିଷ ଠାକରେ ଏବଂ ଏସ୍.ପି. ମିତ୍ରଭାନୁ ମହାପାତ୍ରଙ୍କ ଅଧ୍ୟକ୍ଷତାରେ କେନ୍ଦୁଝର ଜିଲ୍ଲା ସଦର ମହକୁମାସ୍ଥିତ ଦରବାର ହଲ୍‌ଠାରେ ଜନସାଧାରଣଙ୍କ ଅଭିଯୋଗ ଶୁଣାଣୀ ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯୋଗ ଶୁଣାଣୀ କାର୍ଯ୍ୟକ୍ରମରେ ମୋଟ୍ ୧୩୬ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ ୬୨ଟି ଅଭିଯୋଗର ତୁରନ୍ତ ଫଇସଲା କରାଯାଇଥିଲା। ସମୁଦାୟ ଅଭିଯୋଗ ମଧ୍ୟରୁ ୧୯ଟି ଅଭିଯୋଗ ଗୋଷ୍ଠୀ ସମସ୍ୟା/ଗ୍ରାମ୍ୟ ସମସ୍ୟାମୂଳକ ହୋଇଥିବାବେଳେ ୧୧୭ଟି ଅଭିଯୋଗ ବ୍ୟକ୍ତିଗତ ସମସ୍ୟା ଉପରେ ପର୍ଯ୍ୟବେଶିତ ଥିଲା। ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ସହାୟତା ନିମନ୍ତେ ୬ ଜଣ ଏବଂ ରେଡ୍‌କ୍ରସ୍ ପାଣ୍ଠିରୁ ସହାୟତା ପାଇଁ ୬ ଜଣ ବ୍ୟକ୍ତିଙ୍କଠାରୁ ଦରଖାସ୍ତ ଗ୍ରହଣ କରାଯାଇଅଛି। ଅନ୍ୟମାନଙ୍କ ମଧ୍ୟରେ ଡି.ଏଫ୍.ଓ. ଧନରାଜ୍ ଏଚ୍.ଡି, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଯଦୁମଣି ମହଲା, ପିଡି ଡିଆରଡିଏ ବିଷ୍ଣୁ ପ୍ରସାଦ ସାହୁ, ଉପଜିଲ୍ଲାପାଳ କେନ୍ଦୁଝର ରାମଚନ୍ଦ୍ର କିସ୍କୁ, ଡେପୁଟି କଲେକ୍ଟର ସୁରିକା ବେହେରା ଏବଂ ଆସିଷ୍ଟାଂଟ୍ କଲେକ୍ଟର ସୁଚୀସ୍ମିତା ଦାଶଙ୍କ ସମେତ ଜିଲ୍ଲାସ୍ତରୀୟ ଏବଂ ବ୍ଲକ୍‌ସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଏହି ଅଭିଯୋଗ ଶୁଣାଣୀ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

## ବିଶ୍ୱ ପରିବେଶ ଦିବସରେ ପ୍ରକୃତିବନ୍ଧୁ ପୁରସ୍କାର ଚୟନକୁ ନେଇ ବିବାଦ

କେନ୍ଦୁଝର (ପିଏନ୍): ବିଶ୍ୱ ପରିବେଶ ଦିବସରେ କେନ୍ଦୁଝର ଜିଲ୍ଲାରେ ୯ ଜଣଙ୍କୁ ପ୍ରକୃତିବନ୍ଧୁ ପୁରସ୍କାର ସମ୍ମାନରେ ସମ୍ମାନୀତ କରାଯାଇଛି। ଏହି ପୁରସ୍କାର ବ୍ଲକସ୍ତରରେ ପରିବେଶର ସୁରକ୍ଷା ପାଇଁ କାର୍ଯ୍ୟ କରିଥିବା ବ୍ୟକ୍ତିବିଶେଷଙ୍କୁ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ପ୍ରତ୍ୟେକ ବର୍ଷ ଜିଲ୍ଲାସ୍ତରୀୟ ବିଶ୍ୱ ପରିବେଶ ଦିବସ ଅବସରରେ ପ୍ରଦାନ କରାଯାଇଥାଏ। ମାତ୍ର ଚଳିତ ବର୍ଷ ପ୍ରକୃତିବନ୍ଧୁ ପୁରସ୍କାର ଚୟନ ପ୍ରକ୍ରିୟାକୁ ନେଇ ବିବାଦ ଦେଖାଦେଇଥିଲା। ପ୍ରକୃତିବନ୍ଧୁ ପୁରସ୍କାର ପାଇଁ ଆବେଦନ ପରେ ଜିଲ୍ଲାସ୍ତରରେ ଗଠିତ ହୋଇଥିବା କମିଟି ଏହାର ସଠିକ୍ ଭାବେ ଯାଂଚ ନ କରି ଚୟନ କରିଥିବା ପରିବେଶବିତ୍ ଜନାର୍ଦ୍ଦନ ଗିରି ଜିଲ୍ଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ଅଭିଯୋଗ କରିଥିଲେ। ଏପରିକି ଦୀର୍ଘବର୍ଷ ହେବ କେନ୍ଦୁଝରରେ ରହୁନଥିବା ଜଣେ ବ୍ୟକ୍ତିଙ୍କୁ ଏଥିପାଇଁ ଚୟନ କରାଯାଇ ସମ୍ମାନୀତ କରାଯିବା ଘଟଣାରେ ସେ ପ୍ରଶ୍ନ ଉଠାଇଛନ୍ତି। ରାଜ୍ୟ ବାହାରେ ବହୁବର୍ଷ ଧରି ରହୁଥିବା ଜଣେ ବ୍ୟକ୍ତିଙ୍କୁ କେଉଁ ଆଧାରରେ ଚୟନ କରାଗଲା, ତାହାର ତଦନ୍ତ କରିବାକୁ ସେ ଜିଲ୍ଲାପାଳଙ୍କ ନିକଟରେ ଦାବୀ କରିଛନ୍ତି।




## ମୋବାଇଲ୍ ଲୁଟ୍ ଘଟଣାରେ ଖସିଲେ ୨, ଗିରଫ ହେଲେ ୨

ଧର୍ମଶାଳା (ପିଏନ୍): ଧର୍ମଶାଳା ଥାନା ତୋରମୁହାଁ ଗ୍ରାମର ପାର୍ଥସାରଥୀ ଦାଶଙ୍କ ମୋବାଇଲ୍ ଫୋନ୍‌କୁ କେତେକ ଦୁର୍ବୃତ୍ତ ଗତ ୧୦ ତାରିଖରେ ଖଣ୍ଡିତର ନିକଟ ଖରସ୍ରୋତା ବ୍ରିଜ୍‌ରେ ଛଡ଼ାଇ ନେଇଥିଲେ । ପାଣିକୋଇଲି ପଟୁ ଏକ ବାଇକ୍‌ରେ ଘରକୁ ଫେରୁଥିବା ବେଳେ ସେ ଲୁଟ୍‌ର ଶିକାର ହୋଇଥିଲେ । ତେବେ ୧୧ ତାରିଖରେ ଜାରକା ନିକଟ ବ୍ରାହ୍ମଣୀ ବ୍ରିଜ୍ ନିକଟରେ ଲୁଟେରାମାନଙ୍କୁ ଦେଖି ପାର୍ଥସାରଥୀ ସ୍ଥାନୀୟ ଲୋକମାନଙ୍କ ସହାୟତାରେ ଜଣଙ୍କୁ କାବୁ କରି ନେଇଥିଲେ । ଅନ୍ୟମାନେ ଫେରାର୍ ହୋଇ ଯାଇଥିଲେ । ପରେ ସଂପୃକ୍ତ ଲୁଟେରାକୁ ଲୋକେ ପୁଲିସ୍ ଜିମା ଦେଇଥିଲେ । ଲୁଟେରାର ସୂଚନା ଆଧାରରେ ପୁଲିସ୍ ଏଥିରେ ସଂପୃକ୍ତ ଥିବା ଅନ୍ୟ ତିନିଜଣ ସହଯୋଗୀଙ୍କୁ ଥାନାକୁ ଉଠାଇ ଆଣିଥିଲା । ଅଟକ ଚାରିଜଣଙ୍କ ମଧ୍ୟରୁ ସ୍ଥାନୀୟ ଅଂଚଳର ଦୁଇଜଣ ଯୁବକଙ୍କୁ ପୁଲିସ୍ ଗତକାଲି ଛାଡ଼ି ଦେଇଥିବା ବେଳେ ଅନ୍ୟ ୨ଜଣଙ୍କୁ ଗିରଫ କରି ଚଣ୍ଡିଖୋଲ ଚାଲାଣ କରିଥିବା ଜଣାପଡ଼ିଛି । ଏହି ଲୁଟେରା ଦଳ ୧୬ ନମ୍ବର ଜାତୀୟ ରାଜପଥର ଚଣ୍ଡିଖୋଲ ଠାରୁ ପାଣିକୋଇଲି ମଧ୍ୟରେ ସୁନାଚେନ୍ ଓ ମୋବାଇଲ୍ ଲୁଟ୍ ଏବଂ ଗୋରୁ ଗାଡ଼ିରୁ ଦାଦାବଟି ଆଦାୟ କରୁଥିବା ଅଭିଯୋଗ ହେଉଥିଲା ।

### ମହିଳାଙ୍କୁ ଆକ୍ରମଣ ଅଭିଯୋଗରେ ଯୁବକ ଗିରଫ

ଧର୍ମଶାଳା (ପିଏନ୍): ଜେନାପୁର ଥାନା ଅନ୍ତର୍ଗତ କମାଗଡା ଗ୍ରାମର ଜଣେ ମହିଳାଙ୍କୁ ଠେଙ୍ଗାରେ ଆକ୍ରମଣ କରି ଲହୁଲୁହାଣ କରିବା ଅଭିଯୋଗରେ ପୁଲିସ ଜଣେ ଯୁବକକୁ ଗିରଫ କରି କୋର୍ଟ ଚାଲାଣ କରିଛି । ସୂଚନା ମୁତାବକ ସାମାନ୍ୟ ବଚସାକୁ କେନ୍ଦ୍ର କରି କମାଗଡ ଗ୍ରାମର ସାବିତ୍ରୀ ମଲିକ (୪୦)ଙ୍କୁ ପଡୋଶୀ ଅଂଟିଆ ଗ୍ରାମର ରଂଜନ ପ୍ରଧାନ (୨୦) ଠେଙ୍ଗାରେ ଆକ୍ରମଣ କରି ମୁଣ୍ଡ ଫଟାଇ ଦେଇଥିଲେ । ଫଳରେ ସେ ଗୁରୁତର ଆହତ ହେବାରୁ ପରିବାର ଲୋକେ ତାଙ୍କୁ ଗଡମଧୁପୁର ଡାକ୍ତରଖାନା ନେଇ ଚିକିତ୍ସା କରାଇଥିଲେ । ଏନେଇ ଆହତ ସାବିତ୍ରୀ ଜେନାପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗକ୍ରମେ ଜେନାପୁର ପୁଲିସ ୩୨୦/୨୨ରେ ଏକ କେଶ ରୁଜୁ କରି ଅଭିଯୁକ୍ତ ରଂଜନ ପ୍ରଧାନକୁ ଗିରଫ କରି ଚଣ୍ଡିଖୋଲ କୋର୍ଟକୁ ଚାଲାଣ କରିଛି ବୋଲି ଥାନା ଅଧିକାରୀ ଉମାକାନ୍ତ ନାୟକ ସୂଚନା ଦେଇଛନ୍ତି ।

# ଭାରତ ଯୋଡ଼ ଯାତ୍ରା-ଓଡ଼ିଶା ୧୧ତମ ଦିନରେ ବାରିପଦା ସହର ପରିକ୍ରମା କଲା



ଭୁବନେଶ୍ୱର (ପିଏନ୍)-ପ୍ରଦେଶ କଂଗ୍ରେସ ସଭାପତି ଶ୍ରୀ ଶରତ ପଟ୍ଟନାୟକଙ୍କ ନେତୃତ୍ୱରେ 'ଭାରତ ଯୋଡ଼ ଯାତ୍ରା- ଓଡ଼ିଶା'ର ଯାତ୍ରୀ, ବରିଷ୍ଠ କଂଗ୍ରେସ ନେତା, ମୟୁରଭଂଜ ଜିଲ୍ଲାର କଂଗ୍ରେସ ନେତା ଓ କର୍ମୀ ଏବଂ ମୟୁରଭଂଜର ବିଭିନ୍ନ ବର୍ଗର ବ୍ୟକ୍ତିବିଶେଷ ପାଲବଣିଠାରୁ ପ୍ରଭାତରେ 'ଭାରତ ଯୋଡ଼ ଯାତ୍ରା-ଓଡ଼ିଶାର ୧୧ତମ ଦିନର କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ । ମୟୁରଭଂଜ ଜିଲ୍ଲା କଂଗ୍ରେସ ସଭାପତି ହେମନ୍ତ ଦାସଙ୍କର ଆୟୋଜନକ୍ରମେ ସମସ୍ତ ଯାତ୍ରୀ ବାରିପଦା ସହରସାରା ପରିକ୍ରମା କରିଥିଲେ । ଏହାପରେ ବିଶୋଇ ବଜାର ମଧ ପରିକ୍ରମ କଲେ । ମୁର୍ଗାବାଡ଼ିଠାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା । ଏହାପରେ ସଂଧ୍ୟାରେ ଭାରତ ଯୋଡ଼ ଯାତ୍ରା- ଓଡ଼ିଶା ରାଇରଙ୍ଗପୁର ସହର ପରିକ୍ରମା କରିଥିଲା । ଏହି କାର୍ଯ୍ୟକ୍ରମରେ ପିସିସି ସଭାପତି ଶ୍ରୀ ପଟ୍ଟନାୟକ ବହୁ ଆଦିବାସୀ ଓ ଦଳିତ ପରିବାର ଏବଂ ବିଭିନ୍ନ ବର୍ଗର ବ୍ୟକ୍ତିବିଶେଷଙ୍କ ସହ ମିଶି ଜିଲ୍ଲାର ଅବସ୍ଥା ସଂପର୍କରେ ସିଧାସଳଖ ଅବଗତ ହୋଇଥିଲେ । କାର୍ଯ୍ୟକ୍ରମରେ ଗଣମାଧ୍ୟମକୁ ସମ୍ବୋଧିତ କରି ପ୍ରଦେଶ କଂଗ୍ରେସ ସଭାପତି ଶ୍ରୀ ପଟ୍ଟନାୟକ କହିଥିଲେ ଯେ ନବୀନ ଓ ମୋଦି ସରକାର ଅପରାହ୍ନର ନିକଟବର୍ତି, ଆଗାମୀ ସକାଳ କଂଗ୍ରେସର । ଭାରତ ଯୋଡ଼ ଯାତ୍ରା-ଓଡ଼ିଶା ୨୨ବର୍ଷର କଳଙ୍କିତ ଶାସନକୁ ଉତ୍ପାଟନ କରିବ । ନବୀନ ସରକାର ନିଜ ଶାସନକାଳ ଭିତରେ ଓଡ଼ିଶାବାସୀଙ୍କ ପ୍ରତି ଯେଉଁ ବିଶ୍ୱାସଘାତକତା କରିଛନ୍ତି, ଆଗାମୀ ପୀଢ଼ିର ଲୋକେ ତାଙ୍କୁ ଜଣେ ଜନସ୍ୱାର୍ଥବିରୋଧୀ, ବିଫଳ, ଉତ୍ପୀଡ଼କ ଶାସକ ଭାବରେ ଚିତ୍ରଣ କରିବେ । ସେ ଓଡ଼ିଶାର ଗାଁ ଗଣ୍ଡା ବୁଲି ନାହାନ୍ତି । ଓଡ଼ିଶାର ମାଟି, ପାଣି, ପବନ ସଂପର୍କରେ ତାଙ୍କର କିଛି ଧାରଣା ହିଁ ନାହିଁ । ୨୨ ବର୍ଷର ନବୀନ ସରକାର କେବଳ ଦୁର୍ନୀତି, ଭ୍ରଷ୍ଟାଚାର, ନାରୀ ନିର୍ଯ୍ୟାତନା, ଲୁଣ୍ଠନକୁ ପ୍ରୋତ୍ସାହନ ଦେଇଛି । ସାଧାରଣ ଜନତା ନବୀନ ସରକାରକୁ ଏକ ପିସି ସରକାର ବୋଲି କହୁଛନ୍ତି । ମୁଖ୍ୟମନ୍ତ୍ରୀ ଯୁବକମାନଙ୍କୁ ପ୍ରତାରିତ କରିଛନ୍ତି, ନିର୍ଯ୍ୟାତିତା ମହିଳାଙ୍କୁ ନ୍ୟାୟ ଦେଇନାହାନ୍ତି, ବଳାତ୍କାରୀଙ୍କୁ ଦଣ୍ଡ ଦେଇପାରିନାହାନ୍ତି, ଦୁର୍ନୀତିଖୋରକୁ ଦଣ୍ଡ ଦେଇନାହାନ୍ତି; ମାତ୍ର କେତେକ ଅନୁଷ୍ଠାନଠାରୁ ଏକନମ୍ବର ମୁଖ୍ୟମନ୍ତ୍ରୀ ଏବଂ ଜୀବନବ୍ୟାପୀ ସାଧନା ପୁରସ୍କାର ପାଇ ଖୁସି ହୋଇଯାଇଛନ୍ତି । ଏଠାରେ ଚାଷୀ ଆତ୍ମହତ୍ୟା, ଧାନର ଅଭାବିବିକ୍ରୀ, ଜଳସେଚନ ବଢ଼ାଇବା କ୍ଷେତ୍ରରେ ବିଫଳତା, ଓଡ଼ିଶାର ଚାଷୀ ଦେଶର ସମସ୍ତ ରାଜ୍ୟର ଚାଷୀଠାରୁ ଗରିବ ବୋଲି ଅପବାଦ ମୁଣ୍ଡାଇବା ପରେ ନବୀନ ସରକାର ଓଡ଼ିଶାର କୃଷିର ବିକାଶ ହୋଇଛି ବୋଲି ଡିଣ୍ଡିମ ପିଟୁଛନ୍ତି ।

ମୋଦିଙ୍କ ସ୍ୱପ୍ନ ଯାହା ଥିଲା, ତାହା ଆଜି ବାସ୍ତବରୂପ ନେଇଛି । ସେହି ବାସ୍ତବ ରୂପର ଚିତ୍ର କ'ଣ ତାହା ଆଜି ଭାରତବର୍ଷ ଦେଖୁଛି । ବିଶ୍ୱଖାଦ୍ୟ ସୂଚକାଙ୍କ ଅନୁସାରେ ଭାରତ ଏକ ଭୋକିଲା ଦେଶ, ଭାରତର ଲୋକଙ୍କଠାରୁ ଟଂଟିଚିପି ଟିକସ ଆଦାୟ କରାଯାଉଛି, ମହଙ୍ଗା ମାଡ଼ରେ ଲୋକେ ତ୍ରାହି ତ୍ରାହି ଡାକୁଛନ୍ତି- ଏ ହେଉଛି ମୋଦିଙ୍କ ଆଛା ଦିନ । ମୋଦି ବର୍ଷକୁ ୨କୋଟି ନିଯୁକ୍ତି ଦେବାକଥା କହିଥିଲେ । ଆଜି କେନ୍ଦ୍ର ସରକାରଙ୍କ ଅଧିନରେ ଥିବା ୧୦ଲକ୍ଷ ଚାକିରି ଖାଲିପଡ଼ିଛି । କରୋନା ପୂର୍ବରୁ ଦେଶର ବେକାରୀ ସଂଖ୍ୟା ୪୫ ବର୍ଷର ରେକର୍ଡ ଭାଙ୍ଗିଥିଲା । କେବଳ ଭାରତବାସୀଙ୍କୁ ଭୁଆଁ ବୁଲାଯାଉଛି । 'ବିକାଶ' ବିଜେପି ନେତାଙ୍କ ମୁହଁରେ ଏକ ରୋମାଟଂକର ଶବ୍ଦ ମାତ୍ର । ଶାସନ କ୍ଷେତ୍ରରେ ଏ ଶବ୍ଦର ମୂଲ୍ୟ କିଛି ନାହିଁ । ମୋଦି ୨୦୧୪ ରେ ଯେଉଁ ପ୍ରତିଶ୍ରୁତି ଦେଇଥିଲେ ସେଥିରୁ ଗୋଟିଏ ବି ପ୍ରତିଶ୍ରୁତି ଠିକ ଭାବେ ପାଳନ କରିପାରିଲେ ନାହିଁ । ସୁତରାଂ କଂଗ୍ରେସର ଭାରତ ଯୋଡ଼ ଯାତ୍ରା – ଓଡ଼ିଶାରେ ରାଜନୈତିକ ଓ ଅର୍ଥନୈତିକ କ୍ଷେତ୍ରରେ ଏକ ବୈପ୍ଳବିକ ପରିବର୍ତନ ଆଣିବାପାଇଁ ଅଭିପ୍ରେତ । କେନ୍ଦ୍ର ଓ ରାଜ୍ୟ ସରକାରକୃତ ଯନ୍ତ୍ରଣାରୁ ଏ ଦେଶବାସୀଙ୍କୁ ମୁକ୍ତିଦେବାପାଇଁ ମାନ୍ୟବର ରାହୁଲ ଗାନ୍ଧୀଜୀ ଯେଉଁ ଯାତ୍ରା ଆରମ୍ଭ କରିଛନ୍ତି, ତାହା ଏକାନ୍ତ ଅନୁସରଣୀୟ ଏବଂ ଅନ୍ଧକାରରୁ ମୁକ୍ତିପାଇଁ ଏକମାତ୍ର ରାସ୍ତା । ଯଶିପୁରଠାରୁ ଭାରତ ଯୋଡ଼ ଯାତ୍ରା- ଓଡ଼ିଶାର ୧୨ ତମ ଦିନର କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ଏହି କାର୍ଯ୍ୟକ୍ରମରେ ସୁଶ୍ରୀ ସୁଶିଳା ତିରିଆ, ଗଣେଶ୍ୱର ବେହେରା, ମାନସ ଚୌଧୁରୀ, ଭୁଜବଳ ମାଝୀ, ବନ୍ଦିତା ପରିଡ଼ା, ସରସ୍ୱତୀ ହେମ୍ବ୍ରମ, ପ୍ରଦୀପ ରଥ, ଅରବିନ୍ଦ ଦାସ, ଶ୍ୟାମସୁନ୍ଦର ହାଂସଦା, ନିରୋଜ ଲୋଚନ ଦାସ, ପ୍ରଭାସକର ମହାପାତ୍ର, ବିଜନ କୁମାର ଦାସ, ଅଶୋକ କୁମାର ଗିରି, ଜ୍ୟୋତି ପ୍ରକାଶ ରଥ, ବାଙ୍କନିଧି ବେହେରା, ଗୌରୀ ନାୟକ, ପ୍ରକାଶ ଜେନା, ସଂଜୟ ତ୍ରିପାଠୀ, ବିସ୍ମୟ ମହାପାତ୍ର, ଜ୍ଞାନରଂଜନ ପଟ୍ଟନାୟକ, ଅଜୟ ମହାପାତ୍ର, ସୁବ୍ରତ ମହାପାତ୍ର, ମହମ୍ମଦ ସାହାଦୁଲ୍ଲା, ସୁଶାନ୍ତ ତ୍ରିପାଠୀ, କୈଳାସ ସାହୁ, ବିରେଲ ସିଁକା, ସୁବାଷ ପାତ୍ର, ଦୀପକ କୁମାର ମହାପାତ୍ର, ବିଭୁତି ଭୂଷଣ ମହାପାତ୍ର, ନାରାୟଣ ମହାପାତ୍ର, ରାକେଶ ସିଂ, ମୋତିଲାଲ ଦାସ, ଅଂଶୁମାନ ଦାସ, ସୁସ୍ମିତା ଘୋଷାଲ, ଶାନ୍ତନୁ ପାଲ, ପ୍ରଦୀପ ମିଶ୍ର ଓ ବିଜୟ ସିଂ ପ୍ରମୁଖ ଉପସ୍ଥିତ ଥିଲେ ବୋଲି ଭାରତ ଯୋଡ଼ ଯାତ୍ରା -ଓଡ଼ିଶାର ମିଡ଼ିଆ ଇନଚାର୍ଜ ପ୍ରକାଶ ମିଶ୍ର ଏକ ପ୍ରେସ ବିଜ୍ଞପ୍ତିରେ ଜଣାଇଛନ୍ତି ।

### —ଜାତୀୟ ପ୍ରେସ୍ ଦିବସରେ ପ୍ରଧାନମନ୍ତ୍ରୀଙ୍କୁ ଖୋଲା ଚିଠି—

# ଜରାଜୀର୍ଣ୍ଣ ଅବସ୍ଥାରେ ଥିବା ସାମ୍ବାଦିକମାନଙ୍କ ପ୍ରତି ଉଦାସୀନ କାହିଁକି ?

***ସମ୍ମାନାସ୍ପଦ ଶ୍ରୀଯୁକ୍ତ ନରେନ୍ଦ୍ର ଦାମୋଦର ଦାସ ମୋଦୀଜୀ,*** ଦେଶର ସମସ୍ତଙ୍କର ପ୍ରିୟ ତଥା ଆଦରଣୀୟ ପ୍ରଧାନମନ୍ତ୍ରୀ ମହୋଦୟ । ମୋର ସହୃଦୟତାର ସହିତ ଭକ୍ତିପୂତ ପ୍ରଣାମ ଜଣାଉଅଛି । ନିମ୍ନଲିଖିତ ଯଥାର୍ଥ ଦାବିଗୁଡ଼ିକୁ ଯଥାର୍ଥତା ଭିତ୍ତିରେ ବିଚାରକରି ଚୂଡ଼ାନ୍ତ ନିଷ୍ପତ୍ତି ଗ୍ରହଣ କରିବା ସହିତ ରାଷ୍ଟ୍ରର ସାମ୍ବାଦିକମାନଙ୍କ ପାଇଁ ଏକ ଚମତ୍କାର ଝଲକ୍ ଦେଖାଇବେ ବୋଲି ଆମ୍ଭର ଆଶା ଓ ଭରସା ରହିଛି ।

ଗଣତନ୍ତ୍ର କେବଳ ଏକ ଶାସନ ବ୍ୟବସ୍ଥା ନୁହେଁ । ଏହା ଏକ ନୈତିକ ସିଦ୍ଧାନ୍ତ । ଏକ ମହତ୍ତ୍ୱର ସାମାଜିକ ଜୀବନର ଧାରା । ବ୍ୟକ୍ତିକୁ ସମାଜ ସହିତ, ସମାଜକୁ ରାଷ୍ଟ୍ର ସହିତ ଏକ ସାମୂହିକ ସଦ୍‌ଭାବନାରେ ସଂଯୁକ୍ତ କରିବାରେ ଗଣତନ୍ତ୍ରକୁ ନୀତି ନିର୍ଦ୍ଧାରକ ସୂତ୍ର ଭାବରେ ଗ୍ରହଣ କରାଯାଇଥାଏ । ଗଣତାନ୍ତ୍ରିକ ବ୍ୟବସ୍ଥାକୁ ଜନମଙ୍ଗଳ ରାଷ୍ଟ୍ରରେ ଜନଗଣଙ୍କ ସହିତ ଯୋଡ଼ିବାରେ ଗଣମାଧ୍ୟମ ହିଁ ସମଗ୍ର ବିଶ୍ୱ ପାଇଁ ବାସ୍ତବ କ୍ଷେତ୍ରରେ ଏକପ୍ରକାର ସେତୁ ଅଟନ୍ତି । ଏହି ସେତୁବନ୍ଧନ ସୁଦୃଢ଼ ତଥା ଅତୁଟ ରହିବାରେ ହିଁ ଗଣତନ୍ତ୍ରର ସଫଳତା । ସେଥିପାଇଁ ଗଣମାଧ୍ୟମକୁ ଅଭିହିତ କରାଯାଇଛି ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ଭାବରେ । ଚତୁର୍ଥ ସ୍ତମ୍ଭଟି କୌଣସି କାରଣରୁ ନିଜର ମୌଳିକ ଗୁଣବତ୍ତା ହରେଇ ଦୁର୍ବଳ ହୋଇଗଲେ ଗଣତନ୍ତ୍ରର ସ୍ଥିତି ବିପନ୍ନ ହୋଇ ପଡ଼ିବ । ଗଣତାନ୍ତ୍ରିକ ବ୍ୟବସ୍ଥାରେ ଥିବା ଦୁଇ ପକ୍ଷ ଅର୍ଥାତ୍ ସରକାର-ଜନସାଧାରଣଙ୍କ ମଧ୍ୟରେ ଗଣମାଧ୍ୟମ ସଂଯୋଜକର ଭୂମିକା ଗ୍ରହଣ କରେ । ମାତ୍ର ଏତତ୍‌ବ୍ୟତୀତ ଆମ ସାଧାରଣ ଜନଜୀବନରେ ସଂଘଟିତ ଘଟଣା ବହୁଳ-ଅଘଟଣ, ସୁଖ-ଦୁଃଖର ବର୍ଣ୍ଣନାତୀତ କାହାଣୀକୁ ନେଇ ମଧ୍ୟ ଲୋକଲୋଚନକୁ ଆଣି ଗଣମାଧ୍ୟମ ଏକ ପ୍ରଭାବଶାଳୀ ନେତୃତ୍ୱ, ଭୂମିକା ଗ୍ରହଣ କରିଛି ।

ମୋର ଆପଣଙ୍କଠାରେ ପ୍ରଶ୍ନ ହେଉଛି, ଆମ୍ଭର ରାଷ୍ଟ୍ରକୁ ଗଢ଼ିବା ନା ଭାଙ୍ଗିବା ? ଏକ ସୁସ୍ଥ ସମାଜ ଗଠନ ଦିଗରେ ନିଜର ଦାୟିତ୍ୱ ସମ୍ପାଦନ କରିବା ନା ଅସୁସ୍ଥତାର ସମସ୍ତ ଲକ୍ଷଣ, ବିଲକ୍ଷଣତାର ପ୍ରଚାର ପ୍ରସାର କରି ଜନମଙ୍ଗଳକାରୀ ସମାଜରେ କଳୁଷିତ ବାତାବରଣରେ ଏକ ନକାରାତ୍ମକ ପରିବେଶ ସୃଷ୍ଟି କରିବା-କଣ ହେବ ଗଣମାଧ୍ୟମର ଭୂମିକା ? ଅବଶ୍ୟ ଗଢ଼ିବାକୁ ହେଲେ ଦୀର୍ଘମିଆଦି ସୂତ୍ର । ଭାଙ୍ଗିବାକୁ ହେଲେ ତତ୍‌କ୍ଷଣାତ୍ ହେବ । ଅସୁସ୍ଥତାର ଲକ୍ଷଣକୁ ଅଣଦେଖା କରି ସୁସ୍ଥତାର ବାହାନା କଲେ ଚଳିବ ନାହିଁ ।

ସାମ୍ବାଦିକତାକୁ ଆଧାରକରି ଭାରତୀୟ ସ୍ୱାଧୀନତା ସଂଗ୍ରାମର ଇତିହାସରେ ସଫଳ ନେତୃତ୍ୱ ଗ୍ରହଣ କରିଥିବା ଜାତିର ପିତା ମହାତ୍ମା ଗାନ୍ଧୀ କହିଛନ୍ତି, ସମ୍ବାଦପତ୍ରର ତିନୋଟି ଲକ୍ଷ୍ୟ ରହିବା ଉଚିତ୍ । (୧) ପ୍ରକୃତ ଜନମତରେ ସଠିକ୍ ଅଧ୍ୟୟନ, (୨) ଦୁର୍ନୀତି ତଥା ସାମାଜିକ ଅବ୍ୟବସ୍ଥା ଇତ୍ୟାଦିର ନିର୍ଭୀକ ପରିବେଷ. (୩) ଗଠନମୂଳକ ଲେଖା ମାଧ୍ୟମରେ ଜନଜାଗରଣ ତଥା ଜନଆନ୍ଦୋଳନର ସୃଷ୍ଟି ।

ଅନେକ ଉଦାହରଣ ଇତିହାସରେ ଲିପିବଦ୍ଧ ଥିବାବେଳେ ଆପଣଙ୍କୁ ସଂକ୍ଷେପରେ ସୂଚାଇ ଦେବାକୁ ଉଚିତ୍ ମନେକରୁଛି । ଭାରତକୁ ଆସିବା ପୂର୍ବରୁ ଦକ୍ଷିଣ ଆଫ୍ରିକାରେ ଗାନ୍ଧିଜୀଙ୍କ ଦ୍ୱାରା ପରିଚାଳିତ ହୋଇଥିଲା 'ଇଣ୍ଡିଆନ୍ ଓପିନିଅନ୍' । ଭାରତକୁ ଫେରିବା ପରେ ପ୍ରଥମେ ମାସିକ ଗୁଜରାଟୀ ପତ୍ରିକା 'ନବଜୀବନ' ପ୍ରକାଶନ ହାତକୁ ନେଇଥିଲେ । ଜନମଙ୍ଗଳ ପାଇଁ ଦୂରଦୃଷ୍ଟି ରଖି ଗାନ୍ଧିଜୀ ଓକିଲାତିକୁ ନିଜର ସତ୍‌ଚରିତ୍ରବାନ୍ ପେଶା କରିଥିଲେ ମଧ ସତ୍‌ପରିମାର୍ଜିତ ଭାବରେ ପର୍ଯ୍ୟବେଶିତ ନିଶା ଥିଲା ତାଙ୍କର ସାମ୍ବାଦିକତା । ଏବଂ ଏହାକୁ ସାପ୍ତାହିକ ସମ୍ବାଦପତ୍ର କଲେ । ଏହା ସହିତ ଇଂରାଜୀ ମାସିକ 'ୟଙ୍ଗ୍ ଇଣ୍ଡିଆ' ପ୍ରକାଶନ ଆରମ୍ଭ କରିଦେଲେ । ଏହା ପୂର୍ବରୁ 'ସତ୍ୟାଗ୍ରହ' ନାମରେ ଏକ ପତ୍ରିକା ସେତେବେଳର ସମୟରେ ସାଇକ୍ଲୋଷ୍ଟାଇଲ୍ କରାଇ ସ୍ୱାଧୀନତା ସଂଗ୍ରାମର ସତ୍ୟାଗ୍ରହୀମାନଙ୍କ ପାଖରେ ପହଞ୍ଚାଇବାର ସୁବ୍ୟବସ୍ଥା କରିଥିଲେ । ୧୯୩୦ରେ ଗାନ୍ଧିଜୀ ନିଜ ପତ୍ରିକାର ନାମ ବଦଳାଇ 'ହରିଜନ' ନାମରେ ଏକ ସାପ୍ତାହିକ ସମ୍ବାଦପତ୍ର ପ୍ରକାଶନ ଆରମ୍ଭ କଲେ । ଗାନ୍ଧିଜୀଙ୍କ ବ୍ୟତୀତ ଭାରତର ସ୍ୱାଧୀନତା ସଂଗ୍ରାମରେ ସାମିଲ ହୋଇଥିବା ଜନନେତାଙ୍କ ମଧ୍ୟରେ ଥିଲେ ଅନେକ ସାମ୍ବାଦିକ । ପଞ୍ଜାବକେଶରୀ ଲାଲା ଲଜପତ୍ ରାୟ, ଲୋକମାନ୍ୟ ବାଲ ଗଙ୍ଗାଧର ତିଳକ, ଦେଶବନ୍ଧୁ ଚିତ୍ତରଞ୍ଜନ, ଯୋଗୀ ଶ୍ରୀ ଅରବିନ୍ଦ, ରାଜଗୋପାଳାଚାରୀ, ନେତାଜୀ ସୁଭାଷ ଚନ୍ଦ୍ର, ଉତ୍କଳମଣି ଗୋପବନ୍ଧୁ, ହରେକୃଷ୍ଣ ମହତାବ, ରାଧାନାଥ ରଥ ଓ ଅଟଳବିହାରୀ ବାଜପେୟୀ ପ୍ରଭୃତିଙ୍କ ନାମ ଆଜି ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ଅଟେ । ଦେଶବାସୀଙ୍କ ସ୍ମରଣକୁ ଆସେ ଏହିଭଳି ଯୋଗଜନ୍ମା ମହାପୁରୁଷଙ୍କ ନାମ, ଯେଉଁମାନଙ୍କର ସାରା ବିଶ୍ୱରେ ପରିଚିତି ରହିଥିଲା । ସ୍ୱାଧୀନତା ପରେ ଗଣତାନ୍ତ୍ରିକ ଭାରତବର୍ଷକୁ ଦୃଢ଼ ଶକ୍ତିଶାଳୀ କରି ଗଢ଼ିବା ଦିଗରେ ସାମ୍ବାଦିକମାନଙ୍କର ଭୂମିକା ଅଧିକ ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି । ସାମ୍ବାଦିକମାନେ ସେହି ଭୂମିକାକୁ ଯଥାର୍ଥ ଭାବରେ ତୁଲାଇଲେ ହିଁ ଗଣମାଧ୍ୟମର ଲକ୍ଷ୍ୟ ସାଧନ ହେବା ସହିତ କିଭଳି ଭାବରେ ଏହାର ଗାରିମା ଅକ୍ଷୁର୍ଣ୍ଣ ରହିବ ସେ ସମ୍ପର୍କରେ ଆପଣ ସିଦ୍ଧାନ୍ତ ଗ୍ରହଣ କରିବେ ବୋଲି ବିଶ୍ୱାସ ଅଛି । ପୁରାଣ ଯୁଗର କଥାକୁ ସୂଚାଇ ଦେବାକୁ ଚାହୁଁଚି । ସାମ୍ବାଦିକମାନଙ୍କୁ ପୁରାଣ ଯୁଗରେ ମହର୍ଷି ଦେବର୍ଷି ନାରଦ ରୂପରେ ଅବତୀର୍ଣ୍ଣ କରାଯାଇଥିଲା ଏବଂ ଦେବତାମାନଙ୍କ ପାଇଁ ଦେବର୍ଷି ନାରଦ ମଧ ଶୁଭ ଉପଦେଷ୍ଟା ଭାବରେ କାର୍ଯ୍ୟ ସମ୍ପାଦନ କରୁଥିବା ବେଳେ, ଦେବତାମାନେ ମଧ ଦେବର୍ଷିଙ୍କ ଉପଦେଶକୁ ସଦା-ସର୍ବଦା ପାଳନ କରୁଥିଲେ । ସେତେବେଳେ ସାମ୍ବାଦିକମାନଙ୍କର କୌଣସି ସଂଗୀନ ସମସ୍ୟା ନଥିଲା ।

କିନ୍ତୁ, ଆଜିର ଯୁଗରେ ସାରା ବିଶ୍ୱ ଏବଂ ଭାରତବର୍ଷ ଏକ ଗଣମାଧ୍ୟମର ଯୁଗ ଭାବରେ ପରିଗଣିତ ହେଉଛି । ଯାହାକି, ଆପଣ ଏହି ମାଧ୍ୟମରେ ଆଜି ଦେଶର ପ୍ରଧାନମନ୍ତ୍ରୀ ହୋଇପାରିଛନ୍ତି । ଆପଣଙ୍କୁ ପ୍ରଧାନମନ୍ତ୍ରୀ କରାଇବା ପଛରେ ପ୍ରମୁଖ ଭୂମିକା କେବଳ ଗଣମାଧ୍ୟମ ହିଁ ନିର୍ବାହ କରିଥିଲା । ଗଣମାଧ୍ୟମ ହିଁ ଜନସାଧାରଣଙ୍କୁ ପ୍ରଭାବିତ କରି ୫୦ ଭାଗ ଭୋଟ୍ ସଂଗୃହିତ କରିଥିଲା । ଆହୁରି ମଧ, ଆପଣ ଭଲ ଭାବରେ ଜାଣିଛନ୍ତି ଯେ, ଗଣମାଧ୍ୟମ ଚାହିଁଲେ ଗୋଟିଏ ସରକାରକୁ ଭାଙ୍ଗିଦେଇପାରେ, ଗଢ଼ିଦେଇପାରେ ଏବଂ ବଦଳାଇ ଦେଇପାରେ । ଏହାକୁ ମଧ ଆନ୍ତରିକତାର ସହିତ ହୃଦୟଙ୍ଗମ କରି ଭାରତରତ୍ନ ଅଟଳବିହାରୀ ବାଜପେୟୀ ଥରେ ପୁରୀ ସମ୍ମିଳନୀରେ ପ୍ରକାଶ କରିଥିଲେ । ତାହା ମଧ ଆପଣଙ୍କ ପାଖରେ ପରିଲକ୍ଷିତ ହୋଇଛି । ତେଣୁ ଆଜିର ଯୁଗରେ, ଜରାଜୀର୍ଣ୍ଣ ଅବସ୍ଥାରେ ଥିବା ସାମ୍ବାଦିକମାନଙ୍କ ପ୍ରତି ଆପଣ ଉଦାସୀନ କାହିଁକି ବୋଲି "ଓଡ଼ିଶା ସାମ୍ବାଦିକ ସୁରକ୍ଷା ସଂଗଠନ" ପକ୍ଷରୁ ଆମ୍ଭର ପ୍ରଶ୍ନ ?

ଏବେ ଓଡ଼ିଶା ସରକାରଙ୍କ ପକ୍ଷରୁ ନିଷ୍ପତ୍ତି ନିଆଯାଇଥିବା ସାମ୍ବାଦିକ ମାନଙ୍କର ଚିହ୍ନଟ ପ୍ରକ୍ରିୟା ତାଲିକା ତ୍ୱରାନ୍ୱିତ ହୋଇନଥିବା ବେଳେ ସ୍ୱାସ୍ଥ୍ୟ ବୀମା ଯୋଜନା ଦୁଇଲକ୍ଷ ଟଙ୍କା ଘୋଷଣା କରି ସାମ୍ବାଦିକମାନଙ୍କୁ ଉପହାସ କରିଛନ୍ତି । ରାଜ୍ୟର ସମସ୍ତ ବ୍ଲକ, ଜିଲ୍ଲା ଏବଂ ରାଜ୍ୟସ୍ତରରେ ଏ ପର୍ଯ୍ୟନ୍ତ ଚିହ୍ନଟ ତାଲିକା ପ୍ରସ୍ତୁତ ହୋଇନାହିଁ । ତରବରିଆ ଭାବରେ ସ୍ୱାସ୍ଥ୍ୟବୀମା ଯୋଜନା ୨ ଲକ୍ଷ ଟଙ୍କା ଘୋଷଣା କରିବା ଯଥାର୍ଥ ଦାବି ନୁହେଁ, ତାହାକୁ ୨୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି କରିବା ପାଇଁ ଦୃଢ଼ ଦାବି କରୁଅଛୁ । ସାଧାରଣ ମହିଳାମାନଙ୍କ ପାଇଁ ରାଜ୍ୟ ସରକାର ସାତଲକ୍ଷ ଟଙ୍କା ପର୍ଯ୍ୟନ୍ତ ସ୍ୱାସ୍ଥ୍ୟବୀମା ଯୋଜନା ଘୋଷଣା କରିଥିବାବେଳେ, କେଉଁ ବିଚାରଧାରାରେ ସାମ୍ବାଦିକମାନଙ୍କୁ ଅପମାନିତ କରାଯାଇଛି, ସେଥିନେଇ ଆମ୍ଭେ ମର୍ମାହତ । ସାମ୍ବାଦିକମାନଙ୍କୁ ଅବସର ପରେ ଟଙ୍କାଟିଏ କେହି ଦିଅନ୍ତି ନାହିଁ । ସମାଜସେବା କ୍ଷେତ୍ରରେ ମର୍ଯ୍ୟାଦାସମ୍ପନ୍ନ ଦୃଷ୍ଟିରୁ ଦରମା ମଧ ପାଆନ୍ତି ନାହିଁ । ଯାହା ବିଶ୍ୱରେ କୌଣସି ଦେଶରେ ଏଭଳି ଉଦାସୀନତା ଦେଖାଯାଏ ନାହିଁ । ତେଣୁ ସାମ୍ବାଦିକମାନଙ୍କ ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ "ଭାରତୀୟ ସାମ୍ବାଦିକ ସୁରକ୍ଷା ଆଇନ୍" ଗଠନ କରିବା ପାଇଁ ନୂତନ ଭାବେ ପଦକ୍ଷେପ ଗ୍ରହଣ କରି ଅବସର ପରେ ମାସକୁ ୨୫ ହଜାର ଟଙ୍କା ପେନ୍‌ସନ୍, ୫୦ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଗୃହରଣ ବ୍ୟବସ୍ଥା କରିବା ସହିତ ସେଥିମଧ୍ୟରୁ ୨୦ ଭାଗ ଗୃହରଣ ଛାଡ଼ କରିବା ପାଇଁ ଅନୁରୋଧ କରୁଅଛୁ । ସାମ୍ବାଦିକ ପେନ୍‌ସନ୍ କାର୍ଡ଼ ପ୍ରଦାନ, ସାମ୍ବାଦିକ ସଂଘ ମାଧ୍ୟମରେ କେନ୍ଦ୍ର ସରକାର କମିଟି ଗଠନ କରି ଚିହ୍ନଟ ତାଲିକା ଚୂଡ଼ାନ୍ତ କରାଯାଉ । ଟ୍ରେନ୍‌ରେ ୫୦ ଭାଗ ରିହାତି ଦେବା ଆଦି ମୌଳିକ ଦାବିଗୁଡ଼ିକୁ ସହୃଦୟତାର ସହିତ ହୃଦୟଙ୍ଗମ କରି ଉପଯୁକ୍ତ ତଥା ଯଥାଶୀଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନିଷ୍ପତ୍ତି ନେବାପାଇଁ ପୁଣିଥରେ ଆପଣଙ୍କ ପାଖରେ ବିନମ୍ର ଅନୁରୋଧ କରୁଅଛୁ । ଇତି ।
ଆପଣଙ୍କୁ ଆନ୍ତରିକ ପ୍ରଣାମ ସହ...


## DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Phragyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com


# ଶିକ୍ଷିତ ବେକାର ସମସ୍ୟା ମୁଣ୍ଡବ୍ୟଥାର କାରଣ !

ବର୍ତ୍ତମାନ ରାଜ୍ୟ ର ଶିକ୍ଷିତ ବେକାରି ସମସ୍ୟା ଦିନକୁ ଦିନ ଉତ୍କଟ ହେବାରେ ଲାଗିଛି । ଓଡିଶା ପରି ଏକ ଅଗ୍ରସର ରାଜ୍ୟର ଶିକ୍ଷିତ ବେକାରଙ୍କ ସଂଖ୍ୟା ବଢିବଢି ବର୍ତ୍ତମାନ ୧୦ ଲକ୍ଷରେ ପହଞ୍ଚିବା ଅତ୍ୟନ୍ତ ଉଦ୍‌ବେଗର ବିଷୟ । ଏହି ସଂଖ୍ୟା ଦ୍ରୁତଗତିରେ ବଢିବାରେ ଲାଗିଛି । ପ୍ରତିବର୍ଷ ୧୫ ଲକ୍ଷରୁ ଉର୍ଦ୍ଧ ମାଟ୍ରିକ ଓ ୫ ଲକ୍ଷରୁ ଉର୍ଦ୍ଧ ଛାତ୍ର ଏବଂ ଛାତ୍ରୀ ମାଧ୍ୟମିକ ପରୀକ୍ଷା ଦେଇଥାନ୍ତି । ସେମାନଙ୍କ ମଧ୍ୟରୁ ଅନେକ ଉଚ୍ଚଶିକ୍ଷା ଲାଭ କରିଥାନ୍ତି । କିନ୍ତୁ ଯୁକ୍ତତିନି ଓ ଏମ୍.ଏ., ଏମ୍.ଏସ.ସି ପାଶ କରୁଥିବା ହଜାର ହଜାର ଶିକ୍ଷିତଙ୍କ ପାଇଁ ସହର ବା ମଫସଲରେ କୌଣସି କାମ ନାହିଁ । ଯେଉଁମାନେ ବୈଷୟିକ ବିଦ୍ୟା ଅଧ୍ୟୟନ କରି ନିଜକୁ କୁଶଳ ଓ ସମର୍ଥ କରନ୍ତି ମାତ୍ର ବିଭିନ୍ନ ବୃତ୍ତି ପାଇଁ ସେମାନଙ୍କୁ ରାଜ୍ୟ ସରକାର ନିଯୁକ୍ତି ଦେବାପାଇଁ ଅକ୍ଷମତା ପ୍ରକାଶ କରୁଛନ୍ତି । ଫଳରେ ସେମାନେ ନିଜ ଭିଟାମାଟି ଛାଡି ଅନ୍ୟ ରାଜ୍ୟକୁ ପେଟ ପୋଷିବା ପାଇଁ ଯିବାକୁ ବାଧ୍ୟ ହେଉଛନ୍ତି । ରାଜ୍ୟ ସରକାରଙ୍କର ସଚିବାଳୟଠାରୁ ବ୍ଲକସ୍ତର ପର୍ଯ୍ୟନ୍ତ ବିଭିନ୍ନ ଅଫିସରେ ହଜାର ହଜାର ପଦବୀ ଖାଲି ପଡିଥିବାବେଳେ ଏତେସଂଖ୍ୟାରେ ଶିକ୍ଷିତ ବେକାର ରାଜ୍ୟ ପକ୍ଷରେ ଏକ ବିଡମ୍ବନାର ବିଷୟ । ଓଡିଶାରେ ବିଗତ ପାଂଚ ସାତବର୍ଷ ମଧ୍ୟରେ ଅନେକ ଶିଳ୍ପ କାରଖାନା ଯଦିଓ ସ୍ଥାପନ କରାଯାଇଛି ମାତ୍ର ସେସବୁ ଶିଳ୍ପସଂସ୍ଥାରେ ଯେତେ ଶିକ୍ଷିତ ଲୋକ ନିଯୁକ୍ତି ପାଇଛନ୍ତି ସେମାନଙ୍କ ମଧ୍ୟରୁ ଅର୍ଦ୍ଧାଧିକ ଆମ ରାଜ୍ୟ ବାହାରର । ତେବେ ସରକାରଙ୍କର ଆମ ନିଜ ରାଜ୍ୟ ପ୍ରତି ଏପ୍ରକାର ହୀନଭାବନା କାହିଁକି ? ବାହାର ରାଜ୍ୟମାନଙ୍କରୁ ବୈଷୟିକ ବିଦ୍ୟାରେ ଉତ୍ତୀର୍ଣ୍ଣ ହୋଇ ଆମ ରାଜ୍ୟରେ ନିଯୁକ୍ତି ପାଉଛନ୍ତି । ଅନ୍ୟପକ୍ଷରେ ଆମ ରାଜ୍ୟର ଶିକ୍ଷାନୁଷ୍ଠାନମାନଙ୍କରୁ ହଜାର ହଜାର ପ୍ରଶିକ୍ଷଣପ୍ରାପ୍ତ ଯୁବକ ଯୁବତୀ ରାଜ୍ୟ ବାହାରେ ଓ ବିଦେଶରେ ନିଯୁକ୍ତି ପାଇଛନ୍ତି ଯାହା ରାଜ୍ୟପାଇଁ ଗୌରବର ବିଷୟ ସାଂଗକୁ ସରକାରଙ୍କର ଅକ୍ଷମତାର ଜ୍ୱଳନ୍ତ ନମୁନା । ଏହାସତ୍ତ୍ୱେ ରାଜ୍ୟରେ ୧୦ ଲକ୍ଷରୁ ଉର୍ଦ୍ଧ ଯୁବକଯୁବତୀ ଶିକ୍ଷିତ ହୋଇ ଘରେ ବସିରହିବା ଚିନ୍ତାର ବିଷୟ । ଯଦି ଅନ୍ୟ ରାଜ୍ୟ କଥା ବିଚାରକୁ ନିଆଯାଏ ତେବେ ଉତ୍ତରପୂର୍ବାଂଚଳରେ ଶିକ୍ଷିତ ବେକାରଙ୍କ ସଂଖ୍ୟା ଏତେ ଅଧିକ ହୋଇଛି ଯେ ନିଜ ରାଜ୍ୟରେ ସେମାନଙ୍କ ପାଇଁ ନିଯୁକ୍ତି ନାହିଁ ମାତ୍ର ଭାରତର ବିଭିନ୍ନ ରାଜ୍ୟରେ ସେମାନଙ୍କୁ ନିଯୁକ୍ତି ମିଳିଛି । ଅତିତରେ ଆସାମର ସାମ୍ପ୍ରଦାୟିକ ଦଙ୍ଗା ଯୋଗୁଁ ଦକ୍ଷିଣ ଭାରତରେ ଉତ୍ତର ପୂର୍ବାଞ୍ଚଳର ବୃତ୍ତିଧାରୀ, କର୍ଣ୍ଣାଟକ ଓ ତାମିଲନାଡୁରୁ ନିଜ ଭିଟାମାଟିକୁ ଫେରିଆସିଥିଲେ । ମାତ୍ର ଉଭୟେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦୃଢ ହସ୍ତକ୍ଷେପ ଯୋଗୁ ଅବସ୍ଥା ସ୍ୱାଭାବିକ ହେବାପରେ ପୁନଃ ସେମାନେ ନିଜର କର୍ମସ୍ଥାନକୁ ଫେରିଥିଲେ । ସେହିପରି ମହାରାଷ୍ଟ୍ର ଭଳି ଶିଳ୍ପୋନ୍ନତ ରାଜ୍ୟରେ ହଜାର ହଜାର ବିହାରୀ ଶ୍ରମିକ କାମ କରିବାର ସୁଯୋଗ ପାଇ ରହିଯାଇଛନ୍ତି । ଫଳରେ 'ମରାଠୀମାନୁଷ'ବାଭୂମିପୁତ୍ରମାନଙ୍କ ନିଯୁକ୍ତିକ୍ଷେତ୍ର ସଙ୍କୁଚିତ ହେଉଛି ବୋଲି କେତେକ ମରାଠି ସଂଗଠନ ପ୍ରତିବାଦ କରିଥିଲେ । ଶିବସେନା ଓ ମହାରାଷ୍ଟ୍ର ନବନିର୍ମାଣ ସେନା ପରି ସଂଗଠନ ମହାରାଷ୍ଟ୍ର କେବଳ ମରାଠୀମାନଙ୍କ ପାଇଁ ଆନ୍ଦୋଳନ କରିବା ଯୋଗୁ ବିହାରୀମାନଙ୍କ ବିରୋଧରେ ସଂକୀର୍ଣ୍ଣ ମାନସିକତା ସୃଷ୍ଟି ହୋଇଥିଲା । ଉକ୍ତ କାରଣରୁ ହଜାର ହଜାର ବିହାରୀ ନିଜ ରାଜ୍ୟକୁ ଫେରି ଯାଇଥିଲେ । ବେକାରୀ ସମାସ୍ୟା ଯେତିକି ବଢିବ ସେତିକି ଆଞ୍ଚଳିକ ଭାବନା ତା'ର କାୟାବିସ୍ତାର କରିବ । ଆମ ରାଜ୍ୟ ଓଡିଶାର ସୌଭାଗ୍ୟ ଯେ ଆମ ରାଜ୍ୟ ଓଡିଶାର ବୈଷୟିକ ବୃତ୍ତିଧାରୀଙ୍କ ସଂଖ୍ୟା ବଢୁଥିଲେ ମଧ ବାହାର ରାଜ୍ୟରେ ନିଯୁକ୍ତି ପାଇ ଶାନ୍ତିରେ କର୍ତ୍ତବ୍ୟ ପାଳନ କରୁଛନ୍ତି । ମହାରାଷ୍ଟ୍ରରେ ଯେପରି ଆଞ୍ଚଳିକ ସ୍ୱାର୍ଥରକ୍ଷା ସକାଶେ ଆନ୍ଦୋଳନ ଚାଲିଛି ଓଡିଶାରେ ଓ ବଙ୍ଗଳାରେ ଯେ ସେପରି ଆନ୍ଦୋଳନ ଭବିଷ୍ୟତରେ ନହେବ ତାହା କହିହେବ ନାହିଁ । ଓଡିଶାରେ ବିଗତ ବର୍ଷମାନଙ୍କରେ ଯେତେ ଯେତେ ଶିଳ୍ପ ସ୍ଥାପିତ ହୋଇଛି ସେଥିରେ ଆମ ନିଜ ରାଜ୍ୟର ଶିକ୍ଷିତ ବେକାରମାନଙ୍କୁ ନିଯୁକ୍ତି ମିଳିବା ପରିବର୍ତ୍ତେ ବାହାର ରାଜ୍ୟରୁ ନିଯୁକ୍ତି ମିଳୁଥିବା ଯୋଗୁ ଦିନେ ଏଠାରେ ମଧ୍ୟ ଅସନ୍ତୋଷର ବହ୍ନି ଜଳିଉଠିବ, ଏଥିରେ ସନ୍ଦେହ ନାହିଁ । ଏହି ପରିପ୍ରେକ୍ଷୀରେ ଓଡିଶାରେ ବ୍ୟକ୍ତିଗତ ଉଦ୍ୟମରେ ସ୍ଥାପନ କରାଯାଇଥିବା ଇଂଜିନିୟରିଂ ଓ ମ୍ୟାନେଜମେଣ୍ଟ କଲେଜମାନଙ୍କରେ ନାମ ଲେଖାଇବା ପାଇଁ ଉପଯୁକ୍ତ ଛାତ୍ର ମିଳୁ ନ ଥିବାରୁ ୩୦ ହଜାରରୁ ଉର୍ଦ୍ଧ ସ୍ଥାନ ଖାଲି ପଡିଛି ଯାହାକି ଆମ ଶିକ୍ଷା ପଦ୍ଧତି ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ବିଗତ ୩/୪ ବର୍ଷ ଧରି ଏପରି ଅବସ୍ଥା ଲାଗିରହିଛି । ଯୁକ୍ତ ଦୁଇ ଓ ତିନି ଶିକ୍ଷାନୁଷ୍ଠାନମାନଙ୍କରେ ମଧ ସିଟ୍ ଖାଲି ପଡୁଛି ।




# ଆନ୍ଦୋଳନର ଡାକରା ଦେବାରୁ ଶାସନ ବ୍ୟବସ୍ଥାର ନାଲି ଆଖି

ରାଉରକେଲା, (ପିଏନ)- ରାଉରକେଲା ଶିଶୁ ବିକାଶ ଯୋଜନା ଅଧିନରେ କାର୍ଯ୍ୟରତ ଅଙ୍ଗନବାଡି କର୍ମୀ ମାନଙ୍କ ଭିତରୁ କାର୍ଯ୍ୟରେ ଅବହେଳା ଅଭିଯୋଗରେ ସେ ସମୟର ଉପଜିଲ୍ଲାପାଳ ଓ ବର୍ତମାନର ସୁନ୍ଦରଗଡ ଏଡିଏମ ୪ ଜଣ ଅଙ୍ଗନବାଡି କର୍ମଚାରୀଙ୍କୁ କାର୍ଯ୍ୟରୁ ବହିଷ୍କାର କରିବାର ୨୦ ମାସ ବିତିଲାଣି । ସମ୍ପୃକ୍ତ ୪ ଜଣ ଅଙ୍ଗନବାଡି କର୍ମଚାରୀ ନ୍ୟାୟ ଭିକ୍ଷା କରିବାକୁ ଯାଇ ସୁନ୍ଦରଗଡ ଜିଲ୍ଲାପାଳଙ୍କ ଅଫିସ ଠାରୁ ଆରମ୍ଭକରି ସୁନ୍ଦରଗଡ ଏଡିଏମ, ରାଉରକେଲା ଏଡିଏମଙ୍କ ଅଫିସକୁ ଦଉଡି ଦଉଡି ନ୍ୟାୟ ନପାଇ ଆଗାମୀ ୨୭ ତାରିଖ କିମ୍ବା ନଭେମ୍ବର ୩ ତାରିଖରୁ ଆନ୍ଦୋଳନକୁ ଓହ୍ଲାଇବାକୁ ନିଷ୍ପତି ନେବା ସହ ଏନେଇ ଜିଲ୍ଲା ପ୍ରଶାସନକୁ ଜଣାଇବା ପରେ ଜିଲ୍ଲା ପ୍ରଶାସନ ସେମାନଙ୍କୁ ଆନ୍ଦୋଳନରୁ ନିବୃତ ରହିବାକୁ ନାଲିଆଖି ଦେଖାଇଥିବାର ଅଭିଯୋଗ ହୋଇଛି । ଖବରରୁ ଜଣାପଡିଛି ଯେ, ଏକ ଆନ୍ଦୋଳନରେ ସାମିଲ ହେବା, କାର୍ଯ୍ୟରେ ଅବହେଳା ନେଇ ୨୦୧୯ ମସିହାରେ ମାନସି ଦାସ, ସାବିତ୍ରୀ ରଣା, ବାସନ୍ତୀ ସେଠୀ, ଅଞ୍ଜଳି ପଟେଲ ନାମକ ୪ ଜଣ ମହିଳା କର୍ମୀଙ୍କୁ ସେ ସମୟର ପାନପୋଷ ଉପଜିଲ୍ଲାପାଳ ଚାକିରୀରୁ ବହିଷ୍କାର କରିଥିଲେ ।୧୧-୧-୨୦୧୯ରୁ ଏମାନଙ୍କୁ ବହିଷ୍କାର କରାଜିବା ପରେ ଏମାନେ ନ୍ୟାୟ ପାଇବା ଲାଗି ବାରମ୍ବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଦ୍ୱାରସ୍ଥ ହୋଇଥିଲେ ।ପରେ ସେମାନେ ଅନ୍ୟାନ୍ୟ ଅଧିକାରୀ ମାନଙ୍କ ପାଖକୁ ମଧ୍ୟ ଯାଇଥିଲେ, ମାତ୍ର ସେମାନଙ୍କର ସମସ୍ୟାକୁ ସମାଧାନ ଆଜିଯାଏ କରାଗଲା ନାହିଁ । ତେବେ ରାଜ୍ୟ ସ୍ତରରେ ଏନେଇ ନିଷ୍ପତି ହେବାପରେ ଜିଲ୍ଲାର ଅଙ୍ଗନବାଡି କର୍ମୀ ସଂଗଠନ ପକ୍ଷରୁ ଆନ୍ଦୋଳନ ଲାଗି ନୋଟିସ୍ ଦେବାପରେ ରାଉରକେଲା ଆଇସିଡିଏସ ଅଧିକାରୀ ତାଙ୍କ ଚିଠିରେ ରାଉରକେଲାର କର୍ମୀ ମାନଙ୍କୁ ଆନ୍ଦୋଳନରୁ ନିବୃତ ରହିବାକୁ କହିବା ସହ ବହିଷ୍କୃତ କର୍ମୀ ମାନଙ୍କ ସହ ଆନ୍ଦୋଳନକୁ ଗଲେ କଠୋର କାର୍ଯ୍ୟାନୁଷ୍ଠାନ ନିଆଜିବ ବୋଲି କହିଥିବା ଅଭିଯୋଗ ହୋଇଛି । ଏହି ଖବର ଆସିବା ପରେ ଏହା ଗଣତନ୍ତ୍ରର କେଉଁ ନୀତି ବୋଲି ଏବେ ସାଧାରଣରେ ଆଲୋଚନା ହେଉଛି । ଗଣତନ୍ତ୍ରରେ ସମସ୍ତଙ୍କର ନୀରବତା ଓ ଶାନ୍ତିଶୃଙ୍ଖଳାର ସହ ଆନ୍ଦୋଳନ କରିବାର ଅଧିକାର ରହିଛି, କିନ୍ତୁ ଏଭଳି ନିର୍ଦ୍ଦେଶନାମା ବିଭିନ୍ନ ମହଲକୁ ଆଶ୍ଚର୍ଯ୍ୟ କରିଛି । ସମସ୍ତଙ୍କ ମୁହଁରେ ଗୋଟିଏ କଥା ଏ କି ପ୍ରକାର ଶାସନ ? ଅନ୍ୟପକ୍ଷରେ ଏହି ଅଙ୍ଗନବାଡି ସଂଗଠନ ବିଏମଏସ ସମର୍ଥରେ ରହିଥିବା ବେଳେ ବିଏମଏସର ଜିଲ୍ଲାସ୍ତରର କୌଣସି ନେତା ମଧ୍ୟ ଏନେଇ ମୁହଁ ନଖୋଲିବା ସଂଗଠନର ଦଳୀୟ ଏକତା ଉପରେ ଲାଗାଇଛି ବଡ ପ୍ରଶ୍ନବାଚୀ ।

ଏନେଇ ବିଜେପିର ରାଜ୍ୟ ମୁଖପାତ୍ର ଧୀରେନ ସେନାପତିଙ୍କୁ ଯୋଗାଯୋଗ କରାଜିବାରୁ ସେ କହିଲେ , ଏମାନେ ପଲିଟିକାଲ ଆକ୍ରୋଶର ଶୀକାର ହୋଇଛନ୍ତି । ସେମାନେ ଦଳ ସହ ସିଧା ସଳଖ ସମ୍ପୃକ୍ତ ନୁହନ୍ତି, ବିଏମଏସ ସହ ସେମାନେ ରହିଛନ୍ତି, ମୁଖ୍ୟମନ୍ତ୍ରୀ ସବୁ ବେଳେ ମହିଳାଙ୍କ କଥା କହିବା ସହ ସେମାନଙ୍କ ସୁରକ୍ଷା କଥା କହୁଛନ୍ତି , କିନ୍ତୁ ୨୦ ବର୍ଷ ଚାକିରୀ କଲାପରେ ଜଣେ ମହିଳାଙ୍କୁ କୌଣସି ଠୋସ୍ ପ୍ରମାଣ ନଥାଇ ବହିଷ୍କାର କରିଦେବା ତାହା କିଭଳି ନ୍ୟାୟ ବୋଲି ଶ୍ରୀ ସେନାପତି ପ୍ରଶ୍ନ କରିଛନ୍ତି । ଜଦି ଏନେଇ ଆଇସିଡିଏସ ଏଭଳି କିଛି କହିଛି ତେବେ ବିଜେପି ପ୍ରତିନିଧି ଦଳ ତାଙ୍କୁ ଭେଟିବ ବୋଲି ସେ ପ୍ରକାଶ କରିଛନ୍ତି । ସର୍ବୋପରି ଗଣତନ୍ତ୍ରରେ ସମସ୍ତଙ୍କର ଅଧିକାର ରହିଛି ନିଜର ସମସ୍ୟାର ସମାଧାନ କରିବାକୁ ସେମାନେ ଆଗକୁ ଆସିପାରିବେ, ସେମାନଙ୍କୁ ନାଲି ଆଖି ଦେଖାଇବା ଠିକ୍ ନୁହେଁ ।

ସେହିଭଳି ବିଜେପି ନେତା ନିହାର ରାୟ କହିଛନ୍ତି, ନିଜର ହକ୍ ମାଗିବାକୁ ଗଲେ ଏଭଳି କଥା ଯଦି କୁହାଜିବ ତେବେ ତାହା ଦୁର୍ଭାଗ୍ୟଜନକ କଥା, ଯଦି ସେମାନେ ଆନ୍ଦୋଳନକୁ ଜିବେ ତାଙ୍କୁ ବିଜେପି ତରଫରୁ ସମସ୍ତ ପ୍ରକାର ସହଯୋଗ କରାଜିବ ବୋଲି ସେ ପ୍ରକାଶ କରିଛନ୍ତି ।

# ପାରାଦୀପ ପରିବା ମାର୍କେଟ ରୁ ଜବରଦଖଲ ଉଚ୍ଛେଦ କଲା ବନ୍ଦର ଇଷ୍ଟେଟ ବିଭାଗ

ପାରାଦୀପ,(ପି.ଏନ): ଦୀର୍ଘଦିନ ହେବ ପାରାଦୀପ ବଡପଡ଼ିଆ ମାର୍କେଟ ଏବଂ ପରିବା ମାର୍କେଟ ଅଞ୍ଚଳରେ ବ୍ୟବସାୟୀ ମାନେ ନିଜ ଅଧିକୃତ ଦୋକାନ ଛଡା ସାଧାରଣ ଯାତାୟତ ରାସ୍ତା ଉପରେ ଜରି ଟାଙ୍ଗି ରାସ୍ତା ଅବରୋଧ କରି ବ୍ୟବସାୟ କରିବା ଯୋଗୁଁ ସାଧାରଣ ଗ୍ରାହକ ମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିଲେ କ୍ଷ ଏତଦବ୍ୟତୀତ ପରିବା ମାର୍କେଟର ଉଭୟ ପାର୍ଶ୍ୱ ର ମଝିରେ ଥିବା ଖାଲି ରାସ୍ତା ରେ ଉଠା ପରିବା ଦୋକାନୀ ମାନେ ଜବରଦଖଲ କରି ବହୁ ଦିନ ହେବ ବ୍ୟବସାୟ କରିଆସୁଥିଲେ କ୍ଷ ଏହାଦ୍ୱାରା ସେଠାରେ ଯିବାଆସିବା କଷ୍ଟକର ସାଙ୍ଗକୁ ପରିବା ଚୋପା ପଡିରହି ଦୁର୍ଗନ୍ଧ ପୂର୍ଣ୍ଣମୟ ପରିବେଶ ସୃଷ୍ଟି କରୁଥିଲା କ୍ଷ ତେବେ ଅଭିଯୋଗ ପାଇ ବନ୍ଦର ଇଷ୍ଟେଟ



ବିଭାଗ ବଡପଡ଼ିଆ ବଜାରରୁ ଜବରଦଖଲ ଉଚ୍ଛେଦ କରିବା ସଙ୍ଗେସଙ୍ଗେ ଶୁକ୍ରବାର ଦିନ ସକାଳୁ ପରିବା ମାର୍କେଟରୁ ଜବରଦଖଲକାରି ମାନଙ୍କୁ ଉଚ୍ଛେଦ କରି ପୌରପାଳିକା ସହାୟତାରେ ସେ ସ୍ଥାନ ପରିଷ୍କାର କରି ବ୍ଲିଚିଂଙ୍ଗ ସିଞ୍ଚନ କରାଇଥିଲେ କ୍ଷ ତେବେ ଏତେଦିନ ପରେ ପରିବା ମାର୍କେଟ ରେ ସ୍ୱଚ୍ଛତା ଓ ଅନାବଶ୍ୟକୀୟ ଗହଳି ହଟିଥିବାରୁ ସାଧାରଣରେ ଆସ୍ୱସ୍ତି ପ୍ରକାଶ ପାଇବା ସଙ୍ଗେ ସଙ୍ଗେ ବନ୍ଦର ଇଷ୍ଟେଟ ବିଭାଗକୁ ସାଧୁବାଦ ଜଣାଯାଇଛି ।

# ଜୀବନ କୌଶଳ ଶିକ୍ଷା ମାଧ୍ୟମରେ ରକ୍ତହୀନତା ଦୂର ନିମନ୍ତେ ପ୍ରୟାସ

କନ୍ଧମାଳ,(ପିଏନ)- କନ୍ଧମାଳ ଜିଲ୍ଲାର ଅପହଂଚ ଇଲାକା ବାଲନ୍ଦାପଡା, ଲୁଇସିଙ୍ଗି, କୁଏରମାଣ୍ଡୁ ଓ ପାହିରାଜୁ ଅଂଚଳର ୪୦ ଜଣ କିଶୋରୀ ବାଳିକାଙ୍କୁ ନେଇ ୨ ଦିନିଆ ଜୀବନ କୌଶଳ ଶିକ୍ଷା ସମ୍ବନ୍ଧୀୟ ତାଲିମ୍ ଆୟୋଜିତ ହୋଇଯାଇଅଛି । ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀ ଓ କ୍ରାଏ, କୋଲକାତାଙ୍କ ମିଳିତ ସହଯୋଗରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶିଶୁ ମାନଙ୍କର ଅଧିକାର, ଯୌନ ପ୍ରଜନନ ସ୍ୱାସ୍ଥ୍ୟ, ସ୍ୱାସ୍ଥ୍ୟ ଓ ପୁଷ୍ଟି ଶିକ୍ଷା, ଫଳପ୍ରଦ ଯୋଗାଯୋଗ, ଆବେଗ ଜନିତ ଶିକ୍ଷା, ହିଂସା ଓ ଏହାର ପ୍ରକାର ଭେଦ ଇତ୍ୟାଦି ବିଷୟକୁ ଗୁରୁତ୍ୱ ଦେଇ କିଶୋରୀ ମାନେ ଆଗାମୀ ଦିନରେ କିପରି ସୁସଂଗଠିତ ହୋଇ ବାଲ୍ୟ ବିବାହ ଓ ମହିଳା ମାନଙ୍କ ଉପରେ ହେଉଥିବା ଅତ୍ୟାଚାରକୁ ରୋକି ପାରିବେ ତାହା ପ୍ରୟାସ କରାଯାଇଥିଲା । ତାଲିମର ଉଦ୍ଯାପନି ଦିବସରେ ଫିରିଙ୍ଗିଆ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ଶ୍ରୀମତୀ ମଞ୍ଜୁଳା ପ୍ରଧାନ ଯୋଗଦେଇ ଜୀବନ କୌଶଳ ଶିକ୍ଷା ମାଧ୍ୟମରେ କିଶୋରୀମାନେ ସଚେତନ ହୋଇ ଅଙ୍ଗନୱାଡି କେନ୍ଦ୍ରକୁ ଆସୁଥିବା ବିଭିନ୍ନ ସୁବିଧା ସୁଯୋଗକୁ ହାତେଇ ପାରିବେ ତା ଉପରେ ଗୁରୁତ୍ୱ ଦେଇଥିଲେ । ତତ୍ ସହିତ ପ୍ରତି ସପ୍ତାହର ଶନିବାର ଅଙ୍ଗନୱାଡି କେନ୍ଦ୍ରରେ ଆୟୋଜିତ ହେଉଥିବା କିଶୋରୀ ସ୍ୱାସ୍ଥ୍ୟ ଦିବସରେ ଅଧିକରୁ ଅଧିକ ଯୋଗଦାନ କରି ସ୍ୱାସ୍ଥ୍ୟ ସମ୍ପର୍କୀତ ଶିକ୍ଷା ଗ୍ରହଣ କରିବା ସହିତ ରକ୍ତହୀନତା ଦୂର କରିବା ପାଇଁ ଲୌହ ବଟିକା ନିୟମିତ ସେବନ ନିମନ୍ତେ ଆହ୍ୱାନ ଦେଇଥିଲେ । ଏଥି ସହିତ ବନ୍ଧଗଡ ସେକ୍ଟରର ସୁପରଭାଇଜର ଶ୍ରୀମତି ସଜିତା ସାହୁ ଯୋଗଦେଇ କୋରୋନା ସମୟରେ ସରକାରଙ୍କର ନିୟମକୁ ମାନି ସାମାଜିକ ଦୂରତା, ମାସ୍କର ନିଶ୍ଚିତ ବ୍ୟବହାର ଓ ବାରମ୍ବାର ହାତ ଧୋଇବା ସହିତ ସମସ୍ତ ପ୍ରକାରର ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରିବା ନିମନ୍ତେ ପରାମର୍ଶ ଦେଇଥିଲେ । ସ୍ୱାତୀର ସମ୍ପାଦକ ଇଂ ହରିଶଙ୍କର ରାଉତ ଉପସ୍ଥିତ ରହି ତାଲିମାର୍ଥୀ ମାନଙ୍କୁ ଜୀବନରେ ବିଭିନ୍ନ ସମୟରେ ଆସୁଥିବା ସଙ୍କଟ ଓ ମହିଳା ମାନଙ୍କ ଉପରେ ଲଦିଦିଆଯାଉଥିବା ଅଧିକ ଦାୟିତ୍ୱକୁ କିଭଳି ତୁଲାଇବାକୁ ହୁଏ ତାହା ଆଶା କର୍ମୀ ଓ ଅଙ୍ଗନୱାଡି କର୍ମୀଙ୍କ ନିକଟରୁ ଶିଖିବା ନିମନ୍ତେ ଉପଦେଶ ଦେଇଥିଲେ । ତାଲିମ୍ କାର୍ଯ୍ୟକ୍ରମରେ ତାଲିମ୍ ଦାତା ଭାବରେ ଶସ୍ମିତା ବେହେରା, ସରସ୍ୱତୀ ବିନ୍ଧାଣୀ, ପ୍ରଦୀପ କୁମାର ସ୍ୱାଇଁ ଓ ବିଶ୍ୱରଞ୍ଜନ କର ତାଲିମ୍ ପ୍ରଦା କରିଥିବା ବେଳେ ନିହାରିକା ବେହେରା ତାଲିମ୍ ପରିଚାଳନା କରିଥିଲେ ।

# ଗ୍ଲୋବାଲ ସ୍କୁଲ ଆୱାର୍ଡ୍ ପାଇଲେ ସିନାପାଲି ଶିକ୍ଷକ

ନୂଆପଡା,(ପିଏନ)- ନୂଆପଡା ଜିଲ୍ଲା ସିନାପାଲି ବ୍ଲକ ଅନ୍ତର୍ଗତ ଜାମପାଣି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ହୃଦାନନ୍ଦ ମେହେର ଗ୍ଲୋବାଲ୍ ସ୍କୁଲ୍ ଆୱାର୍ଡ୍ -୨୦୨୦ ପାଇଥିବା ଜଣାପଡିଛି । ତାଙ୍କୁ ଗ୍ଲୋବାଲ୍ ସ୍କୁଲ୍ ଆୱାର୍ଡ୍ ଓ ଏଜୁକେସନ୍ ଟିଭି ତରଫରୁ ଲାଇଭ୍ କନ୍ଫରେନ୍ସ ମାଧ୍ୟମରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ତାଙ୍କୁ ବେଷ୍ଟ ଟିଚର୍ ଅଫ୍ ଦ ଇଅର -୨୦୨୦ ଭାବରେ ପୁରସ୍କୃତ କରାଯାଇଥିଲା । ଶ୍ରୀମେହେରଙ୍କ ଏଭଳି ସଫଳତାକୁ ନେଇ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟୁ ଥିବା ଦେଖିବାକୁ ମିଳିଛି । ପ୍ରକାଶ ଯେ ପୂର୍ବରୁ ଶ୍ରୀମେହେର ରାଜ୍ୟ ତଥା ଜାତୀୟ ସ୍ତରରେ ବିଭିନ୍ନ ଅନୁଷ୍ଠାନ ତରଫରୁ ଜଣେ ଆଦର୍ଶ ଶିକ୍ଷକ ଭାବରେ ସମ୍ମାନୀତ ହୋଇ ଚର୍ଚ୍ଚାରେ ରହି ଆସିଛନ୍ତି । ଗ୍ରାମା ଳରେ ପ୍ରାଥମିକ ଶିକ୍ଷାର ବିସ୍ତାର, ଆଦିବାସୀ ଓ ଦାଦନ ପ୍ରବଣ ଅଂଚଳରେ ପ୍ରାଥମିକ ଶିକ୍ଷାର ବିକାଶ ପାଇଁ ସଫଳ ଉଦ୍ୟମ ଓ ପ୍ରଚେଷ୍ଟା, ନୂତନ ଓ ଅଭିନବ ଶିକ୍ଷା ପଦ୍ଧତି ଏବଂ ଶିକ୍ଷକ ସଂଗଠନରେ ସଫଳ ନେତୃତ୍ୱ ପାଇଁ ତାଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଥିବା ଜଣାପଡିଛି । ଜଣେ ଶିକ୍ଷକ ସଂଗଠକ, ସିଆର୍‌ସିସି ଭାବରେ ସେ ସୁପରିଚିତ । କିଛି ମାସ ତଳେ ତାଙ୍କୁ ଗାନ୍ଧୀଜୀଙ୍କ ନୀତି ଓ ଆଦର୍ଶର ପ୍ରଚାର ପ୍ରସାର ପାଇଁ ଭୁବନେଶ୍ୱର ସ୍ଥିତ ଗାନ୍ଧୀ ଶାନ୍ତି ଫାଉଣ୍ଡେସନ୍ ତରଫରୁ ସମ୍ମାନ ସୂଚକ ଡକ୍ଟରେଟ୍ ଉପାଧି ପ୍ରଦାନ କରାଯାଇଥିଲା ।

# ଦେଶର ରେଳ ଭିତ୍ତିଭୂମିରେ ପରିବର୍ତ୍ତନ ଆଣିବା ଦିଗରେ ଏକ ଐତିହାସିକ ପଦକ୍ଷେପ

ଭୁବନେଶ୍ୱର,(ପି.ଏନ): ପୂର୍ବତଟ ରେଳପଥର ଜେନେରାଲ ମ୍ୟାନେଜର ମନୋଜ ଶର୍ମା ଗଣମାଧ୍ୟମକୁ କହିଛନ୍ତି ଯେ ଓଡ଼ିଶାରେ ୨୧ଟି ଅମୃତ ଭାରତ ରେଳ ଷ୍ଟେସନର ଶିଳାନ୍ୟାସ କରାଯାଉଛି, ଯେଉଁଥିପାଇଁ ସମୁଦାୟ ୯୦୦ କୋଟି ଟଙ୍କା ବ୍ୟୟ ବରାଦ ହୋଇଛି । ଏହି ତାଲିକାରେ ବିମଳାଗଡ଼, ଜରୋଲି, ରାଇରଙ୍ଗପୁର, ପାନପୋଷ, ବାଲେଶ୍ୱର, ବୈତରଣୀ, ସମ୍ବଲପୁର ସିଟି, ଝାରସୁଗୁଡ଼ା ରୋଡ୍, ଟିଟିଲାଗଡ଼, କେସିଙ୍ଗା, ରାୟଗଡ଼ା, ପାରଳାଖେମୁଣ୍ଡି, କୋରାପୁଟ, ଜୟପୁର, ତାଳଚେର, ରଘୁନାଥପୁର, ପାରାଦୀପ, କେନ୍ଦୁଝରଗଡ଼, ଭଦ୍ରକ, ବେଲପାହାଡ଼ ଓ ବ୍ରଜରାଜନଗର ଭଳି ପ୍ରମୁଖ ଷ୍ଟେସନ ରହିଛି ।ପୂର୍ବତଟ ରେଳବାଇ ଜୋନ୍ ମଧ୍ୟରେ ୭୯୦ କୋଟି ଟଙ୍କା ମଞ୍ଜୁର ହୋଇଥିବା ୨୨ଟି ଅମୃତ ଭାରତ ରେଳ ଷ୍ଟେସନରେ ଶିଳାନ୍ୟାସ କରାଯିବ ବୋଲି ସେ ସୂଚନା ଦେଇଛନ୍ତି । ପୂର୍ବତଟ ରେଳବାଇ ଜୋନ୍ ଭିତରେ ଓଡ଼ିଶା ସହ ଆନ୍ଧ୍ର ପ୍ରଦେଶ ଓ ଛତିଶଗଡ଼ ରାଜ୍ୟର କିଛି ଅଂଶ କୁ ଅନ୍ତର୍ଭୁକ୍ତ । ଏହି ପଦକ୍ଷେପ ଦ୍ୱାରା ଷ୍ଟେସନ ସୁବିଧା ବୃଦ୍ଧି ପାଇବ ଏବଂ ଯାତ୍ରୀମାନଙ୍କ ପାଇଁ ଯାତ୍ରା ଅଧିକ ଆରାମଦାୟକ ହେବ ବୋଲି ଆଶା କରାଯାଉଛି । ଏହି ଷ୍ଟେସନଗୁଡ଼ିକ ହେଲା ନଉପଡ଼ା, ସିଂହଚଲମ, ବବିଲି, ଶ୍ରୀକାକୁଲମ ରୋଡ୍, ପାର୍ବତୀପୁରମ୍, ଚିପୁରୁପାଲ୍ଲେ, ସମ୍ବଲପୁର ସିଟି, ଝାରସୁଗୁଡ଼ା ରୋଡ୍, ଟିଟିଲାଗଡ଼, କେସିଙ୍ଗା, ରାୟଗଡ଼ା, ପାରଳାଖେମୁଣ୍ଡି, କୋରାପୁଟ, ଜୟପୁର, ତାଳଚେର, ରଘୁନାଥପୁର, ପାରାଦୀପ, କେନ୍ଦୁଝରଗଡ, ଭଦ୍ରକ, ଆରାକୁ, କୋଟାଭାଲାସା, ଇଚ୍ଛାପୁରମ୍ଓଡ଼ିଶାରେ ଭିତ୍ତିଭୂମି ବିକାଶରେ ଉଲ୍ଲେଖନୀୟ ପ୍ରୋତ୍ସାହନ ମିଳୁଛି ଏବଂ ମୋଟ ୫୨ଟି ରୋଡ୍ ଓଭର ବ୍ରିଜ୍ (ଆରଓବି) ଏବଂ ରୋଡ୍ ଅଣ୍ଡର ବ୍ରିଜ୍ (ଆରୟୁବି) ପ୍ରକଳ୍ପର ଲୋକାର୍ପଣ କିମ୍ବା ଶିଳାନ୍ୟାସ କରାଯିବାର କାର୍ଯ୍ୟକ୍ରମ ରହିଛି । ଏଗୁଡ଼ିକ ପାଇଁ ସମୁଦାୟ ପ୍ରକଳ୍ପ ମୂଲ୍ୟ ୧୪୨୦ କୋଟି ଟଙ୍କା ରହିଛି । କେବଳ ପୂର୍ବତଟ ରେଳବାଇ ଜୋନ୍‌ରେ ମୋଟ ୧୨୮ କୋଟି ଟଙ୍କା ବ୍ୟୟରେ ୩୦ଟି ଆରଓବି/ଆରୟୁବି ର ବିକାଶ ପାଇଁ ଲକ୍ଷ୍ୟ ରଖାଯାଇଛି ।

# ଅଜଣା ରୋଗ ନେଲାଣି ୭ ଜୀବନ, ଗୁଣିଆ ଭରଷାରେ ଗ୍ରାମବାସୀ

ମାଲକାନଗିରି, (ପିଏନ)- ମାଲକାନଗିରି ଜିଲ୍ଲାର କାଲିମେଲା ବ୍ଲକ ଅନ୍ତର୍ଗତ ଦୁର୍ଗମ ସାନଟେକଗୁଡା ଗ୍ରାମରେ ଅଜଣା ରୋଗରେ ଯାଇଛି ୭ ଗ୍ରାମବାସୀଙ୍କ ଜୀବନ । ଗ୍ରାମରେ ଏହି ଘଟଣାକୁ ନେଇ ଏକ ପ୍ରକାର ଆତଙ୍କ ଖେଳିଯାଇଥିବା ବେଳେ ଗୁଣିଆ ସାଜିଛି ଏକ ମାତ୍ର ସାହା ଭରସା ! କାଲିମେଲା ବ୍ଲକ ଦୁର୍ଗମ ଅଂଚଳ ଭାବରେ ପରିଚିତ ସାନଟେକଗୁଡା ଗ୍ରାମରେ ୫୨ ଆଦିବାସୀ ସମ୍ପ୍ରଦାୟ ର ଲୋକେ ବସବାସ କରୁଛନ୍ତି ! ସେମାନଙ୍କ ପାଇଁ ବିଶୁଦ୍ଧ ପାଣି ସାତସପନ ପାଲଟିଛି । ଗ୍ରାମରେ ଥିବା ନଳକୂଅ ପାଣି ପିଇବା ଉପଯୋଗି ନୁହେଁ । ସେଥିରେ ନାଲି ରଙ୍ଗର ଗୋଳିଆ ପାଣି ବାହାରୁଛି । ଲୋକ ମାନେ ବାଧ୍ୟହୋଇ ଏହି ଗୋଳିଆ ପାଣି ପିଇ ମୃତ୍ୟୁମୁଖରେ ପଡୁଥିବାର ଦେଖିବାକୁ ମିଳିଛି ।ଏଥି ସହିତ ଗ୍ରାମବାସୀମାନେ ନିକଟସ୍ଥ ନାଳ ଓ ଝରଣା ପାଣି ମଧ୍ୟ ପିଇବାକୁ ବାଧ୍ୟ ହେଉଛନ୍ତି । ଗ୍ରାମରେ ୩ ବର୍ଷ ତଳେ ୨ଲକ୍ଷ ଟଙ୍କା ବ୍ୟୟରେ ଏକ ପାନୀୟ ଜଳ ପ୍ରକଳ୍ପ ହୋଇଥିଲେ ମଧ୍ୟ ତାହା ଏବେ ଅକାମୀ ହୋଇପଡ଼ି ରହିଛି । ଫଳରେ ସାନଟେକଗୁଡା ଗ୍ରାମବାସୀ ବିଶୁଦ୍ଧ ପାଣି ଟୋପାଏ ପାଇପାରୁ ନଥିବାର ଅଭିଯୋଗ କରିଛନ୍ତି । ଏହି ଦୂଷିତ ପାଣି ପିଇ ପ୍ରାୟ ୨ମାସଭିତରେ ୭ରୁ ଉର୍ଦ୍ଧ୍ୱ ଲୋକଙ୍କ ଜୀବନ ଗଲାଣି । -ସାନଟେକଗୁଡା ଗ୍ରାମରେ ଗତ ୨ମାସ ଭିତରେ ୭ରୁ ଉର୍ଦ୍ଧ୍ୱ ଲୋକଙ୍କର ଜୀବନ ଯାଇଥିଲେ ମଧ୍ୟ ଲୋକମାନେ ଏବେ ବି ସଚେତନ ହୋଇନାହାନ୍ତି । ପାଣି ପିଇ ଯଦି କାହାର ଦେହ ଖରାପ ହୁଏ ଗୁଣିଆ ଦ୍ୱାରା ରୋଗୀମାନଙ୍କୁ ଝଡାଫୁଙ୍କା କରା ଯାଉଥିବାର ଦୃଶ୍ୟ ଦେଖିବାକୁ ମିଳିଛି । ଲୋକମାନେ ଡ଼ାକ୍ତରଖାନାଯିବା ପରିବର୍ତେ ଗୁଣିଆ ନିକଟକୁ ଯିବାର ଦେଖି ବାକୁ ମିଳିଛି। ଏହି ଗ୍ରାମବାସୀଙ୍କ ନିକଟରେ ଏ ପର୍ଯ୍ୟନ୍ତ ପହଂଚି ନାହିଁ ନି କୋଣସି ସରକାରୀ ସଚେତନତା । ଯାହା ଫଳରେ ଏହି ଗ୍ରାମରେ ଲୋକମାନେ ଗୁଣିଗାରେଡି ଉପରେ ଭରସା କରି ଆସୁଛନ୍ତି ।




2024-2025

ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

Special discount for new admission before 15.03.2023

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada

ଖେଳ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

୨୬ ବର୍ଷରେ

Bhubaneswar Saturday February 24, 2024 ଭୁବନେଶ୍ୱର ଶନିବାର, ଫେବୃଆରୀ ୨୪,୨୦୨୪ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com ୮

## କୋରାପୁଟ କେପିଏଲ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦଘାଟିତ



କୋରାପୁଟ,(ପି ଏ ନ): କୋରାପୁଟ ସ୍ଥାନୀୟ ଆରଟିଓ ଅଫିସ ପଡ଼ିଆ ଠାରେ କେପିଏଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହୋଇଯାଇଛି । ଏହି କେପିଏଲ କ୍ରିକେଟ ଉଦଘାଟିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସମାଜସେବୀ ଡମ୍ବୁରୁ ନାୟକ ଯୋଗ ଦେଇ ଖେଳାଳି ମାନଙ୍କୁ ଉତ୍ସାହିତ କରିବା ସହ ରିବନ ଫିତାକାଟି ଶୁଭାରମ୍ଭ କରିଥିଲେ । ସମାଜସେବୀ ଡମ୍ବୁରୁ ନାୟକ ଯୁବକ ଗୋଷ୍ଠୀ ମାନଙ୍କ ପାଇଁ ପ୍ରେରଣା ସାଜିଛନ୍ତି ଡମ୍ବୁରୁ ନାୟକ । ଏହି ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରିଥିବା ପ୍ରତିଯୋଗିଙ୍କୁ ଉତ୍ସାହିତ କରିଥିଲେ ।ଏହି କ୍ରିକେଟ ଆୟୋଜିତ ଟୁର୍ଣ୍ଣାମେଣ୍ଟରେ ୬ଟି ଦଳ ଭାଗ ନେଇଥିଲେ । କୋରାପୁଟ ଜିଲ୍ଲା ଏକ ଆଦିବାସୀ ଅଧ୍ୟୁଷିତ ବହୁଳ ଅଞ୍ଚଳରୁ ଯାଇ ଜାତୀୟ ସ୍ତର ତଥା ଆନ୍ତର୍ଜାତୀୟ ସ୍ତରରେ କେମିତି ନିଜର ସ୍ୱତନ୍ତ୍ର ପରିଚ଼ୟ ସୃଷ୍ଟି କରି ପାରିବେ ସେ ନେଇ ଡମ୍ବୁରୁ ନାୟକ ଖେଳାଳି ମାନଙ୍କୁ ଉତ୍ସାହିତ ସହ ଆଲୋଚ଼ନା କରିଥିଲେ । ସେ ସେତିକି ନୁହେଁ ପ୍ରତି ଗ୍ରାମାଞ୍ଚଳରୁ ଗସ୍ତ କରି ସହର ଲୋକମାନଙ୍କ ମଧ୍ୟ ସମସ୍ୟା ବିଷୟରେ ପଚ଼ାରି ବୁଝୁଛନ୍ତି ଡମ୍ବୁରୁ ନାୟକ । ଅନେକ ଗ୍ରାମକୁ ରାସ୍ତା, ପାନୀୟ ଜଳ, ବାର୍ଦ୍ଧକ୍ୟ ଭତ୍ତା, ଆବାସ ଯୋଜନା,କିପରି ଆଗକୁ ସବୁ ସୁବିଧା ଗ୍ରାମବାସୀ ଲୋକମାନେ ପାଇଁ ପାରିବେ ସେ ନେଇ ଲୋକଙ୍କ ସହିତ ଆଲୋଚ଼ନା କରୁଛନ୍ତି । ସମାଜସେବୀ ଡମ୍ବୁରୁ ନାୟକ ଲୋକମାନଙ୍କୁ ସାହାଯ୍ୟ କରିବା ପାଇଁ ଆଗେଇ ଆସିଛନ୍ତି । ବିଭିନ୍ନ ସ୍ଥାନରେ ମଧ ବନ୍ଧୁ ମିଳନ କାର୍ଯ୍ୟକ୍ରମ କରିଛନ୍ତି ଡମ୍ବୁରୁ ନାୟକ । ତାଙ୍କ ସମାଜସେବୀ ଡମ୍ବୁରୁ ନାୟକଙ୍କୁ ସବୁ ମହଲରେ ପ୍ରଶଂସା କରିଥିବା ଦେଖିବାକୁ ମିଳିଛି ।

## ଅରଙ୍ଗାବାଦରେ ସିଏଫ୍‌ସି ପ୍ରତିଷ୍ଠାରେ ବିଳମ୍ୱ : ହସ୍ତଶିଳ୍ପ ନିର୍ଦ୍ଦେଶିକାଙ୍କ ନିକଟରେ ଫେରାଦ

ଧର୍ମଶାଳା,(ପିଏନ୍): ଧର୍ମଶାଳା ବ୍ଲକ୍ ମିର୍ଜାପୁର ପଂଚାୟତ ଅରଙ୍ଗାବାଦ ଗ୍ରାମରେ ସିଏଫ୍‌ସି(କମନ୍ ଫାସିଲିଟି ସେ ର) ପ୍ରତିଷ୍ଠାରେ ବିଳମ୍ୱ ହେଉଥିବାରୁ ସ୍ଥାନୀୟ ଅଂଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ଏନେଇ ଧର୍ମଶାଳାର ପୂର୍ବତନ ବିଧାୟକ ସ୍ୱର୍ଗତ ରବି ଲାବଣ୍ୟଙ୍କ ଦୁଇପୁତ୍ର ରାଜ୍ୟ ହସ୍ତଶିଳ୍ପ ନିର୍ଦ୍ଦେଶିକାଙ୍କ ନିକଟରେ ଫେରାଦ ହୋଇଛନ୍ତି । ସିଏଫ୍‌ସି ପ୍ରତିଷ୍ଠା ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିର୍ଦ୍ଦେଶ ଦେବାର ୨ବର୍ଷ ବିତିଯାଇଥିଲେ ମଧ୍ୟ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇନଥିବାରୁ ସ୍ୱର୍ଗତ ଲାବଣ୍ୟଙ୍କ ବଡ଼ପୁଅ ହରିଶଙ୍କର କଲେଜ୍ ଅଧ୍ୟକ୍ଷ ବଳଭଦ୍ର ଦାଶ ଓ ସାନପୁଅ ଆଇନଜୀବୀ ଶ୍ୟାମପ୍ରସାଦ ଦାଶ ହସ୍ତଶିଳ୍ପ ନିର୍ଦ୍ଦେଶିକା ପ୍ରଣତୀ ଛୋଟରାୟଙ୍କୁ ଆଜି ଭୁବନେଶ୍ୱରସ୍ଥିତ କାର୍ଯ୍ୟାଳୟରେ ସାକ୍ଷାତ କରି ଅଭିଯୋଗ କରିଛନ୍ତି । ସ୍ୱର୍ଗତ ଲାବଣ୍ୟଙ୍କ ଉଦ୍ୟମରେ ଅରଙ୍ଗାବାଦ ଗ୍ରାମରେ ଶ୍ୟାମସୁନ୍ଦର ମହିଳା ବିକାଶ କେନ୍ଦ୍ର ପ୍ରତିଷ୍ଠା ହୋଇଥିଲା ବେଳେ ଅନୁଷ୍ଠାନର ମହିଳାମାନଙ୍କୁ ହସ୍ତଶିଳ୍ପ ବିଭାଗ ପକ୍ଷରୁ ଚାନ୍ଦୁଆ କାର୍ଯ୍ୟ ନିର୍ମାଣ ଉପରେ ତାଲିମ ପ୍ରଦାନ କରାଯାଉଛି । ଅରଙ୍ଗାବାଦ ଗାଁ ସମେତ ଆଖପାଖ ଅଂଚଳର ଶତାଧିକ ମହିଳା ତାଲିମ ନେଇଛନ୍ତି । ସିଏଫ୍‌ସି ପ୍ରତିଷ୍ଠା ଦ୍ୱାରା ମହିଳାମାନଙ୍କ ପାଇଁ ଗୃହ ନିର୍ମାଣ, ସ୍ୱତନ୍ତ୍ର ତାଲିମ ପ୍ରଦାନ, କଂଚାମାଲ ଯୋଗାଣ ଓ ଅନ୍ୟାନ୍ୟ ଆନୁସଂଗିକ ସୁବିଧା ସୁଯୋଗ ଉପଲବ୍ଧ ହୋଇପାରିବ । ମହିଳାମାନେ ରୋଜଗାରକ୍ଷମ ହେବା ସହିତ ନିଜର ଗୁଜୁରାଣ ମେଂଟାଇବାରେ ସମର୍ଥ ହୋଇପାରିବେ ବୋଲି ସ୍ୱର୍ଗତ ଲାବଣ୍ୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ୨ବର୍ଷ ପୂର୍ବେ ଅବଗତ କରିଥିଲେ । ମୁଖ୍ୟମନ୍ତ୍ରୀ ସିଏଫ୍‌ସି ପ୍ରତିଷ୍ଠା ନେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ହସ୍ତଶିଳ୍ପ ନିର୍ଦ୍ଦେଶାଳୟକୁ ନିର୍ଦ୍ଦେଶ ଦେଇଥିଲେ । ହସ୍ତଶିଳ୍ପ ବିଭାଗ ପକ୍ଷରୁ ଏକ ଟିମ୍ ଅରଙ୍ଗାବାଦ ଗ୍ରାମ ପରିଦର୍ଶନ କରି ମହିଳାମାନଙ୍କ କାର୍ଯ୍ୟଧାରାରେ ସନ୍ତୋଷ ପ୍ରକାଶ କରିବା ସହିତ ଏଠାରେ ସିଏଫ୍‌ସି ପ୍ରତିଷ୍ଠା କରିବାକୁ ସୁପାରିସ୍ କରିଥିଲେ । ପରବର୍ତି ସମୟରେ ସ୍ୱର୍ଗତ ଲାବଣ୍ୟ ହସ୍ତଶିଳ୍ପ ନିର୍ଦ୍ଦେଶାଳୟ କାର୍ଯ୍ୟାଳୟକୁ ଯାଇ ଏ ସଂପର୍କରେ ବାରମ୍ବାର ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ ଏପର୍ଯ୍ୟନ୍ତ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇନାହିଁ । ଆଜି ଆଲୋଚନା ସମୟରେ ସିଏଫ୍‌ସି ପ୍ରତିଷ୍ଠା ନେଇ ବିଭାଗ ପକ୍ଷରୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ନିର୍ଦ୍ଦେଶିକା କହିଥିବା ସ୍ୱର୍ଗତ ଲାବଣ୍ୟଙ୍କ ବଡ଼ପୁଅ ଶ୍ରୀ ଦାଶ ସୂଚନା ଦେଇଛନ୍ତି ।

## ଧର୍ମଶାଳା ବିଜେପିର ମିଶ୍ରଣ ପର୍ବ



ଧର୍ମଶାଳା, (ପିଏନ୍): ଧର୍ମଶାଳା ନିର୍ବାଚନ ମଣ୍ଡଳୀ ବିଜେପିର ଏକ ମିଶ୍ରଣ ପର୍ବ ଜାରକା(କୁମାରୀ)ସ୍ଥିତ କାର୍ଯ୍ୟାଳୟରେ ଆଜି ଅନୁଷ୍ଠିତ ହୋଇଛି । ବିଜେପି ଯୁବନେତା ହିମାଂଶୁ ଶେଖର ସାହୁ(ଲିକୁ)ଙ୍କ ନେତୃତ୍ୱକୁ ସମର୍ଥନ ଜଣାଇ ପାଖର ପଂଚାୟତର ଦୁଃଶାସନ ସାମଲ, ଦୀନବନ୍ଧୁ ମଲିକ, ଅର୍ଜୁନ ମଲିକ, ଗଙ୍ଗାଧରପୁର ପଂଚାୟତର ରମେଶ ଭୋଇ, ଲକ୍ଷ୍ମୀଧର ଭୋଇ, ମ ୍ର ପ୍ରଧାନ, ପଟୁଣିଆ ପଂଚାୟତର ବିଶ୍ୱଜିତ୍ ରାୟ, ଜଗବନ୍ଧୁ ଦଳାଇ, ବାସୁଦେବ ରାୟ, ଆରୁହା ପଂଚାୟତର ସୁରେନ୍ଦ୍ର କୁମାର ରଣା, ଫଗୁ ରଣା, ବିରଜା ବେହେରା, ଅଂଟିଆ ପଂଚାୟତର ଦିଲୀପ ବରାଳ, ଗୋପବନ୍ଧୁ ବରାଳ, ନରେନ୍ଦ୍ର ବରାଳ, ବାରବାଟି ପଂଚାୟତର ସୁବାସ ରାଉତଙ୍କ ସମେତ ଅନ୍ୟ ଦଳର ବହୁ କର୍ମୀ ବିଜେପିରେ ଯୋଗ ଦେଇଥିଲେ । ନବାଗତମାନଙ୍କୁ ବିଜେପି ନେତା ଶ୍ରୀ ସାହୁ ସ୍ୱାଗତ କରିଥିଲେ । ବିଜେପି କାର୍ଯ୍ୟକର୍ତା ଚନ୍ଦ୍ରମଣି ପଣ୍ଡିତଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶ୍ରମିକନେତା ନୃସିଂହ ଚରଣ ମିଶ୍ର, ଜିଲ୍ଲା କୃଷକମୋର୍ଚ୍ଚା ସଭାପତି ପାଣ୍ଡବ ଚରଣ ଧଳ, ବିଜେପି ଜିଲ୍ଲା ସାଧାରଣ ସଂପାଦକ ମୁରଲୀଧର ପାଣ୍ଡବ, ପ୍ରକାଶ ସାମଲ, ରବୀନ୍ଦ୍ର ବରାଳ ଓ ଲକ୍ଷ୍ମୀପ୍ରିୟା ମହାନ୍ତି ଯୋଗ ଦେଇଥିଲେ । ଯୁବ ସଂଗଠକ ରାଜେଶ୍ କୁମାର ପାଳ, ଗୌତମ କୁମାର ସାହୁ, ବିଶ୍ୱଜିତ୍ ପୃଷ୍ଟି, ସୁଧୀର ବେହେରା, ଅଂଶୁମାନ ରଥ, ତପନ କୁମାର ନାଥ, ରାଜକିଶୋର ସ୍ୱାଇଁ, ରମେଶ ବେହେରା, ଲୋକନାଥ ମହାନ୍ତି, ବିଭୁରଂଜନ ରାଉତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## କୁକୁଡ଼ାଖଣ୍ଡି ରେ ବିକାଶର ହିସାବ ଦେଲେ ୫ଟି ଅଧକ୍ଷ କାର୍ତ୍ତିକ ପାଣ୍ଡିଆନ

କୁକୁଡାଖଣ୍ଡି (ଇପିଲି ପୂର୍ଣ୍ଣଚ଼ନ୍ଦ୍ର)(ପି.ଏନ): ଭଲ କାମ କଲେ ଟଙ୍କାର ଅଭାବ ରହିବନି । ପ୍ରଥମ କିସ୍ତି ପରେ ଦ୍ୱିତୀୟ ଓ ତୃତୀୟ କିସ୍ତି ମିଳିବ । ଏହା ଓଡ଼ିଶାର ଟଙ୍କା ଏହାକୁ ସ୍ୱଚ୍ଛ ଭାବେ ଖର୍ଚ୍ଚ କରନ୍ତୁ । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କଥା କମ କହନ୍ତି । କାମ ବେଶି କରନ୍ତି । ଆପଣମାନଙ୍କୁ ସେ ବହୁତ ଭଲ ପାଆନ୍ତି । ତେଣୁ ଯୋଜନା ଉପରେ ଯୋଜନା କରୁଛନ୍ତି । ଏହାକୁ ଘରେ ଘରେ ପହଞ୍ଚାନ୍ତୁ । ଗଂଜାମ ଗସ୍ତରେ ଥିବା ୫ଟି ଅଧକ୍ଷ କାର୍ତ୍ତିକ ପାଣ୍ଡିଆନ ଗସ୍ତ କରି ଏହି ଅପିଲ କରିଛନ୍ତି । ବିଶାଳ ଜନସଭାକୁ ସମ୍ବୋଧିତ କରି ବିକାଶର ହିସାବ ଦେଇଛନ୍ତି କାର୍ତ୍ତିକ ପାଣ୍ଡିଆନ । ଏହି ଅଞ୍ଚଳରୁ ୫୦୦ ଦରଖାସ୍ତ ମିଳିଥିବାବେଳେ ପ୍ରାୟ ସମାଧାନ ହୋଇଛି ଏବେ ପୁଣି ଅଭିଯୋଗ ପତ୍ର ଆସିଛି । ନିଜ ନୂଆ ବର୍ଷ ଶୁଭେଚ୍ଛା କାର୍ଡରେ ମନ୍ଦିରକୁ ସ୍ଥାନ ଦେଉଥିବା ମୁଖ୍ୟମନ୍ତ୍ରୀ ଏହାର ଉନ୍ନତି ପାଇଁ ୨ କୋଟି ଟଙ୍କା ମଞ୍ଜୁର କରିଛନ୍ତି । ମନ୍ଦିରର ଉନ୍ନତି କାମ ଚ଼ାଲିଛି । ଆବଶ୍ୟକ ପଡିଲେ ଆହୁରି ଦେବେ ବୋଲି କହିଛନ୍ତି କାର୍ତ୍ତିକ ପାଣ୍ଡିଆନ । ଅଭିଭାଷଣବେଳେ ସ୍ୱଟରେ ମନ୍ଦିର, ଚ଼ର୍ଚ୍ଚ, ମସଜିଦ, କମ୍ୟୁନିଟି ସେଣ୍ଟର ଲାଗି ନୂଆ ଆବେଦନ ଗ୍ରହଣ କରି ୨୯ ତାରିଖ ସୁଦ୍ଧା ଖୁସି ଖବର ମିଳିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି ଫାଇଭ-ଟି ଅଧ୍ୟକ୍ଷ । ଲୋକଙ୍କ ସହ ଆଲୋଚ଼ନ କରି ସରକାରଙ୍କ ଯୋଜନା ସଂପର୍କରେ ସେ ଅପଡେଟ ନେଇଥିଲେ । ବିଭିନ୍ନ ଭତ୍ତା ବୃଦ୍ଧି ନେଇ ଲୋକଙ୍କୁ ପ୍ରଶ୍ନ ପଚ଼ାରଥିଲେ । ନିକଟରେ ଭିନ୍ନକ୍ଷମ, ବାର୍ଦ୍ଧକ୍ୟ ଓ ବିଧବା ଭତ୍ତା ୫ଶହରୁ ହଜାରେ ଟଙ୍କାକୁ ବୃଦ୍ଧି ହୋଇଛି । କଳାକାରଙ୍କ ଭତ୍ତା ୧୨ଶହ ଟଙ୍କା ଥିବାବେଳେ ଏହାକୁ ଦୁଇ ହଜାର କରିଛନ୍ତି ମୁଖ୍ୟମନ୍ତ୍ରୀ । ଗର୍ଭବତୀ ମାଆମାନଙ୍କ ଲାଗି ମମତା ଯୋଜନାରେ ମିଳୁଥିବା ସହାୟତା ରାଶିକୁ ଦୁଇ ଗୁଣା କରିଛନ୍ତି ।ସେହିପରି ଗଞ୍ଜାମର କୁକୁଡ଼ାଖଣ୍ଡି ଅଞ୍ଚଳର ବିକାଶ ଲାଗି ୫୦ କୋଟି ଟଙ୍କା ମଞ୍ଜୁର ହୋଇଛି । ଖେମୁଣ୍ଡି କଲେଜ ଲାଗି ୨ କୋଟି ଟଙ୍କା ମଞ୍ଜୁର ହୋଇଥିବାବେଳେ କୁକୁଡ଼ାଖଣ୍ଡି ସାଇନସ କଲେଜ ଲାଗି ୧ କୋଟି ମଞ୍ଜୁର ହୋଇଛି । ମହୁରୀକାଳୁଆ ମନ୍ଦିରର ଉନ୍ନତି ଲାଗି ୧ କୋଟି ୮୦ ଲକ୍ଷ ଏବଂ ବି. ତୁରୁବୁଡ଼ି ପଞ୍ଚାୟତସ୍ଥିତ ମା ନିଜବଙ୍କ ?ଶ୍ୱର ମନ୍ଦିର ଲାଗି ୧ କୋଟି ୮୫ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି ବୋଲି କହିଛନ୍ତି ୫ଟି ଅଧକ୍ଷ କାର୍ତ୍ତିକ ପାଣ୍ଡିଆନ । କୁକୁଡ଼ାଖଣ୍ଡିରେ ଆୟୋଜିତ ଜନସଭାରେ ଉଦବୋଧନ ଦେଇ ସେ କହିଛନ୍ତି- ଗତଥର ଆସିଥିବାବେଳେ ସେ ୫୫୦ ଦରଖାସ୍ତ ପାଇଥିଲେ । ସେଥିରୁ ୫୦୦ଟି ସମାଧାନହୋଇଛି । ଘଟକେଶ୍ୱର ଜଳସେଚ଼ନ ପ୍ରକଳ୍ପ ଲୋକାର୍ପିତ ହୋଇଛି । ୨୯ ତାରିଖ ସୁଦ୍ଧା ମନ୍ଦିର, ମସଜିଦ, ଚ଼ର୍ଚ୍ଚ ଆଦି ଲାଗି ଆସିବ ଖୁସି ଖବର । ଦିଗପହଣ୍ଡିରେ ବିଜୁ ପଟ୍ଟନାୟକ ଇଣ୍ଡୋର ଷ୍ଟାଡିଅମ କାମ ଚ଼ାଲିଛି । ବୋମକେଇରେ ଆମ ହସ୍ପିଟାଲ ଲୋକାର୍ପିତ ହୋଇଛି । ଯୁବ ପିଢ଼ିଙ୍କୁ ବିନା କାଗଜରେ ୧ ଲକ୍ଷ ଟଙ୍କା ଯାଏ ବିଜନେସ ପାଇଁ ଋଣ ବ୍ୟବସ୍ଥା ମୁଖ୍ୟମନ୍ତ୍ରୀ କରିଛନ୍ତି ବୋଲି କହିଛନ୍ତି କାର୍ତ୍ତିକ ପାଣ୍ଡିଆନ । ଲକ୍ଷ୍ମୀ ବସ ଆରମ୍ଭ କରାଯାଇଛି । ମାଆ ମାନଙ୍କ ପାଇଁ ଲକ୍ଷ୍ମୀ ବସ ଟିକେଟର ଦାମ ମାତ୍ର ୫ଟଙ୍କା ରଖାଯାଇଛି । ପଞ୍ଚାୟତରୁ ବ୍ଲକ ଯାଇପାରିବା ନେଇ ମୁଖ୍ୟମନ୍ତ୍ରୀ ଏହି ସେବା ଆରମ୍ଭ କରିଛନ୍ତି । ଏଥିରେ ସ୍କୁଲ କଲେଜ ପିଲାମାନେ ଶିକ୍ଷାନୁଷ୍ଠାନ ମଧ ଯାଇପାରୁଛନ୍ତି । +୩ ଓ ପିଜିରେ ନୂଆ- ଓ ଛାତ୍ରବୃତ୍ତି ନୂଆ ଯୋଜନାରେ ଆଉ ୫ ଦିନ ପରେ ଛାତ୍ରଛାତ୍ରୀ ଅର୍ଥରାଶି ନିଜ ବ୍ୟାଙ୍କ ଖାତାରେ ପାଇବେ । ପୁଅମାନେ ୯ହଜାର, ଝିଅମାନେ ୧୦ ହଜାର ଟଙ୍କା ପାଇବେ । ଅଭିଭାବକଙ୍କ ବୋଝ ହାଲୁକା କରିବାକୁ ମୁଖ୍ୟମନ୍ତ୍ରୀ ଚିନ୍ତା କରି ଏହି ଯୋଜନା ଆଣିଛନ୍ତି । ଛାତ୍ରଛାତ୍ରୀ ପ୍ରତିବର୍ଷ ଏହି ବୃତ୍ତି ପାଇବେ । ଏହା ଆଉ କେଉଁ ରାଜ୍ୟରେ ହୋଇନି ବୋଲି ଏହି ଅବସରରେ ସୂଚ଼ାଇ ଦେଇଥିଲେ ୫ଟି ଅଧକ୍ଷ । ମିଶନ ଶକ୍ତି ମାଆମାନଙ୍କୁ ଭଲ କାମ କରିବା ଲାଗି ଆହ୍ୱାନ ଦେଇଥିଲେ । ସମସ୍ତେ ମିଶି ଭଲକାମ କରିବା ମୁଖ୍ୟମନ୍ତ୍ରୀଙ୍କ ହାତମୁଠାକୁ ଟାଣ କରିବାକୁ ଆହ୍ୱାନ ଦେଇଥିଲେ ପାଣ୍ଡିଆନ । ମାଆମାନଙ୍କ ଲୋନ ସୀମାରେ ଆହୁରି ବୃଦ୍ଧି କରାଯିବ । ସିଆରପି, ଏମବିକେ, କୃଷକସାଥୀଙ୍କ ଦରମା ଆଉ ଗୋଟିଏ ସପ୍ତାହ ମଧରେ ବଢିବ ବୋଲି କହିଥିଲେ ୫ଟି ଅଧକ୍ଷ କାର୍ତ୍ତିକ ପାଣ୍ଡିଆନ । ଗସ୍ତ ସମୟରେ ରାଜ୍ୟ ସଭା ସାଂସଦ ମାନସମଙ୍ଗରାଜ, ବ୍ରହ୍ମପୁର ବିଧାୟକ ବିକ୍ରମ ପଣ୍ଡା, ପୂର୍ବତନ ବିଧାୟକ ରମେଶ ଚ଼ନ୍ଦ୍ର ଚ଼୍ୟାଉ ପଟ୍ଟନାୟକ, ବିଜେଡି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବିପ୍ଳବ ପାତ୍ର, ବ୍ଲକ ଅଧକ୍ଷ କାମାକ୍ଷା ପ୍ରସାଦ ପାତ୍ର, ଉପାଧାକ୍ଷା ବିଷ୍ଣୁପ୍ରିୟା ପାତ୍ର ଉପସ୍ଥିତ ଥିଲେ ।

## ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଲେ ଲେଡି ମେଟ୍ରୋନ ମହାସଂଘ




ଭୁବନେଶ୍ୱର,(ପି.ଏନ): ମାନ୍ୟବର ମୁଖ୍ୟମନ୍ତ୍ରୀ ରାଜ୍ୟରେ ମହିଳାମାନଙ୍କର ଉନ୍ନତି ନିମନ୍ତେ ମିଶନ ଶକ୍ତି ଜରିଆରେ ସ୍ୱୟଂ ସହାୟିକା ଗୋଷ୍ଠୀ ମାଧ୍ୟମରେ ଉନ୍ନୟନମୂଳକ କାମର ମୁଖ୍ୟ ସ୍ରୋତରେ ସାମିଲ୍ କରିବା ସଂଗେ ସଂଗେ ଅନେକ ଗୁଡ଼ିଏ ଯୋଜନା କରି ସମଗ୍ର ଦେଶରେ ଉଦାହରଣ ସୃଷ୍ଟି କରିପାରିଛନ୍ତି । ବିଶେଷକରି ଆଦିବାସୀ ଅ ଳରେ ବସବାସ କରୁଥିବା ୫୦ ଲକ୍ଷରୁ ଅଧିକ ମହିଳା ଓ ଛାତ୍ରଛାତ୍ରୀମାନଙ୍କର ପୁଷ୍ଟିହୀନତା ଦୂର କରିବା, ମାଗଣାରେ ଛାତ୍ରଛାତ୍ରୀମାନଙ୍କୁ ହଷ୍ଟେଲ୍‌ରେ ରଖିବା ଓ ପୁଷ୍ଟିପୁରକ ଖାଦ୍ୟ ଦେବା ସଂଗେ ସଂଗେ ସମସ୍ତଙ୍କୁ ମାଗଣରେ ପଢାଇବା ବ୍ୟବସ୍ଥା କରୁଛନ୍ତି । ଯେଉଁ ଛାତ୍ରୀମାନଙ୍କୁ ଛାତ୍ରୀ ନିବାସରେ ରଖାଯାଇଛି, ସେମାନଙ୍କର ଯତ୍ନନେବା ଓ ଦେଖାଶୁଣା କରିବା ପାଇଁ ପ୍ରତ୍ୟେକ ହଷ୍ଟେଲ୍‌ରେ ଜଣେ ଲେଖାଏଁ ମହିଳା ମେଟ୍ରୋନ ନିଯୁକ୍ତି ଦିଆଯାଇଛି । ସେମାନଙ୍କ ଦାବି ପ୍ରତି ସହାନୁଭୂତିର ସହିତ ବିଚାର କରି ମାସିକ ବେତନ ୧୫ ହଜାର ଟଙ୍କାକୁ ବୃଦ୍ଧି କରିବା, ଅବସରକାଳୀନ ସୁବିଧା ୧ ଲକ୍ଷ ଟଙ୍କା ପ୍ରଦାନ କରିବା ଓ କାର୍ଯ୍ୟରତ ମେଟ୍ରୋନ୍ ମୃତ୍ୟୁବରଣ କଲେ ତାଙ୍କ ପରିବାରକୁ ୧ଲକ୍ଷ ୫୦ ହଜାର ଟଙ୍କା ଦେବାକୁ ସରକାର ଘୋଷଣା କରିଛନ୍ତି । ସେଥିପାଇଁ ସାରା ରାଜ୍ୟ ଓଡ଼ିଶା ଲେଡି ମେଟ୍ରୋନ୍ ମହାସଂଘ ପକ୍ଷରୁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ସଭାପତି ଝରଣା ମହନ୍ତ, ସମ୍ପାଦକ ଗୀତାରାଣୀ ସାହୁ, ନାଗିଆ ଓରାମ୍, ପୁଷ୍ପଲତା ମହନ୍ତ ପ୍ରମୁଖ ଏକ ସାମ୍ବାଦିକ ସମ୍ମିଳନୀରେ କୃତଜ୍ଞତା ଜ୍ଞାପନ କରିବା ସଂଗେସଂଗେ ଧନ୍ୟବାଦ ଅର୍ପଣ କରିଛନ୍ତ । ଏତଦ୍‌ବ୍ୟତୀତ ରାଜ୍ୟ ସରକାରୀ କର୍ମଚାରୀ ସମନ୍ୱୟ ସମିତିର ସଭାପତି ପ୍ରଶାନ୍ତ କୁମାର ମହାନ୍ତି ଓ ସାଧାରଣ ସମ୍ପାଦକ ସୁଜିତ୍ କୁମାର ନାୟ'କ ତା ୨୩.୬.୨୦୨୨, ତା ୯.୪.୨୦୨୩ ଓ ୨୮.୪.୨୦୨୩ରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ଓ ବିଭାଗୀୟ କ ୃପକ୍ଷଙ୍କୁ ସେମାନଙ୍କର ଦାବି ସମ୍ପର୍କରେ ଚିଠିଦ୍ୱାରା ଜଣାଇବା ଓ ମନ୍ତ୍ରୀସ୍ତରୀୟ କମିଟିରେ ଆଲୋଚନା କରିଥିଲେ । ଏଥିପାଇଁ ସମନ୍ୱୟ ସମିତିର ସଭାପତି, ସାଧାରଣ ସମ୍ପାଦକଙ୍କ ସମେତ ପୂର୍ବତନ ସମ୍ପାଦକ କ୍ଷେତ୍ରମୋହନ ଦାସ, ପୂର୍ବତନ ସଭାପତି ପ୍ରତାପ ଚନ୍ଦ୍ର ମିଶ୍ର, କାହ୍ନୁଚରଣ ମଲ୍ଲିକ, ଅଶ୍ମିନ କୁମାର ବ୍ରହ୍ମ, ଅଶୋକ କୁମାର ମୁଦୁଲି ଆଦି ନେତୃବର୍ଗଙ୍କୁ ଏହି ଆନ୍ଦୋଳନରେ ସହଯୋଗ କରିଥିବାରୁ ଓଡ଼ିଶା ଲେଡି ମେଟ୍ରୋନ୍ ସଂଘ ତରଫରୁ ସମ୍ବର୍ଦ୍ଧିତ କରାଯାଇଅଛି । ଏଠାରେ ଉଲ୍ଲେଖ କରାଯାଇପାରେ ଯେ, ଓଡ଼ିଶା ଲେଡି ମେଟ୍ରୋନ୍ ମହାସଂଘ ରାଜ୍ୟ ସରକାରୀ କର୍ମଚାରୀ ସମନ୍ୱୟ ସମିତି ସଂଘରେ ଅନୁବନ୍ଧିତ ଅଟେ । ଏତଦ୍‌ବ୍ୟତୀତ ରାଜ୍ୟ ସରକାରଙ୍କ ପାଖରେ ଲେଡି ମେଟ୍ରୋନ୍ ମହାସଂଘ ପକ୍ଷରୁ ଆଉ କିଛି ଦାବି ପୂରଣ ପାଇଁ ଅନୁରୋଧ କରାଯାଇଅଛି, ସେଗୁଡ଼ିକ ହେଲା- (୧) ୨୪ ଘ । ପରିବେ ୮ ଘ । କାର୍ଯ୍ୟ କରିବା (୨) ହଷ୍ଟେଲ୍ ପରିଚାଳନ ମେଟ୍ରୋନ୍ ମାନଙ୍କୁ ଦେବା (୩) ବିନା ଭଡାରେ ହଷ୍ଟେଲ୍ ପରିସରରେ ବାସଗୃହ ଯୋଗାଇଦେବା (୪) ସମସ୍ତଙ୍କୁ ସରକାରୀ କର୍ମଚାରୀ ରୂପେ ଘୋଷଣା କରିବା (୫) ପ୍ରତିମାସରେ ଇପିଏଫ୍ କାଟିବା, ସଂଘ ନିମନ୍ତେ ପ୍ରତି ଜିଲ୍ଲାରେ ଗୋଟିଏ ଗୃହ ଯୋଗାଇଦେବା ଓ ମହିଳା ମେଟ୍ରୋନ୍ ମାନଙ୍କୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ଅନ୍ତର୍ଭୁକ୍ତ କରିବା ପାଇଁ ସରକାରଙ୍କୁ ଅନୁରୋଧ କରାଯାଇଛି ।




Printed & Published by Budhadev Mohapatra on behaöf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Puböished at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-maiö :editorpbkc@gmaiö.com, paryabekhyak@gmaiö.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray